# ହିନ୍ଦୁ
# ଧର୍ମ
# ମହାନ

ଲେଖକ : ସନ୍ଥ ରାମପାଲ ଦାସ
ସଞ୍ଚାଳକ : ସତଲୋକ ଆଶ୍ରମ, ବରୱାଲା, ଜିଲ୍ଲା :- ହିସାର (ହରିୟାଣା)

**ଜୀବ ହମାରୀ ଜାତି ହୈ, ମାନବ ଧର୍ମ ହମାରା ।**
**ହିନ୍ଦୁ , ମୁସଲିମ୍, ସିଖ, ଇସାଇ, ଧର୍ମ, ନହାଁ କୋଇ ନ୍ୟାରା ।।**






[ତା : 25 ମଇ ସନ୍ 2013 ରେ ଲେଖା କାର୍ଯ୍ୟ ପୂର୍ଣ୍ଣ ହୋଇଥିଲା]

ପ୍ରଥମ ସଂସ୍କରଣ ଜୁନ୍ 2013 = 10,000

ଦ୍ୱିତୀୟ ସଂସ୍କରଣ ଅପ୍ରେଲ 2014 = 20,000

ଲେଖକ : ସନ୍ଥ ରାମପାଲ ଦାସ

ସଂଚାଳକ :- ସତଲୋକ ଆଶ୍ରମ, ବରୱାଲା, ଜିଲ୍ଲା : ହିସାର (ହରିୟାଣା)

ମୁଦ୍ରକ : କବୀର ପ୍ରିଣ୍ଟର୍ସ

C -117, ସେକ୍ଟର - 3, ବୱାନା ଇଣ୍ଡଷ୍ଟ୍ରିଆଲ ଏରିୟା, ନୂଆଦିଲ୍ଲୀ

ପ୍ରକାଶକ :- ପ୍ରଚାର ପ୍ରସାର ସମିତି ଏବଂ ସମସ୍ତ ଭକ୍ତଗଣ

ସତ୍‌ଲୋକ ଆଶ୍ରମ, ହିସାର-ଟୋହାନା ରୋଡ଼, ବରୱାଲା,

ଜିଲ୍ଲା - ହିସାର (ହରିୟାଣା) ଭାରତ ।



ସମ୍ପର୍କ ସୂତ୍ର :- ୮୨୨୨୮୮୦୫୪୧, ୮୨୨୨୮୮୦୫୪୨,୮୨୨୨୮୮୦୫୪୩
୮୨୨୨୮୮୦୫୪୪, ୮୨୨୨୮୮୦୫୪୫

---

e-mail : jagatgururampalji@yahoo.com

visit us at : www.jagatgururampalji.org

# '' ହିନ୍ଦୁ ଧର୍ମ ମହାନ''

### ସର୍ବ ପ୍ରଥମେ ଏହାକୁ ପଢ଼ନ୍ତୁ :-

❖ ବିଶ୍ୱରେ ଯେତେ ଧର୍ମ (ପନ୍ଥ) ପ୍ରଚଳିତ ଅଛି, ସେଥିମଧ୍ୟରୁ ସନାତନ ଧର୍ମ ହେଉଛି (ସନାତନ ପନ୍ଥ, ଯାହା ଆଦି ଶଙ୍କରାଚାର୍ଯ୍ୟଙ୍କ ପରେ, ତାଙ୍କ ଦ୍ୱାରା ପ୍ରଦତ୍ତ ସାଧନାକୁ ଅନୁସରଣ କରୁଥିବା ଜନ-ସମୂହଙ୍କୁ ହିନ୍ଦୁ କୁହାଗଲା ଏବଂ ସନାତନ ପନ୍ଥ ହିନ୍ଦୁ ଧର୍ମ ନାମରେ ପରିଗଣିତ ହେଲା, ଏହା ହିଁ ହିନ୍ଦୁ ଧର୍ମ) ସବୁଠାରୁ ପ୍ରାଚୀନ।

ପବିତ୍ର ଚାରି ବେଦ (ଋଗବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ) ଏବଂ ପବିତ୍ର ଶ୍ରୀମଦ୍‌ଭଗବତ୍ ଗୀତା ହେଉଛି ଏହି ଧର୍ମର ମେରୁଦଣ୍ଡ । ପ୍ରାରମ୍ଭରୁ କେବଳ ଚାରି ବେଦ ଆଧାରରେ ବିଶ୍ୱର ସମସ୍ତ ମାନବ ଧର୍ମ-କର୍ମ କରୁଥିଲେ। ଏହି ଚାରିବେଦ ହିଁ ପ୍ରଭୁ ପ୍ରଦତ୍ତ (God Given)। ଏଗୁଡ଼ିକର ସାର ହେଉଛି ଶ୍ରୀମଦ୍‌ଭଗବତ୍ ଗୀତା। ଏଥିପାଇଁ ଏହି ଶାସ୍ତ୍ରଟି ମଧ୍ୟ ପ୍ରଭୁ ପ୍ରଦତ୍ତ (God Given) ହୋଇଗଲା।

ବିଚାରଣୀୟ ବିଷୟ ଏହା ଯେ ଯେଉଁ ଜ୍ଞାନ ସ୍ୱୟଂ ପରମାତ୍ମା କହିଛନ୍ତି, ସେହି ଜ୍ଞାନ ସମ୍ପୂର୍ଣ୍ଣ ରୂପେ ସତ୍ୟ ହୋଇଥାଏ। ସେଥିପାଇଁ ଏହି ଶାସ୍ତ୍ର ଦୁଇଟି ନିଃସନ୍ଦେହରେ ବିଶ୍ୱାସଯୋଗ୍ୟ। ପ୍ରତ୍ୟେକ ମାନବକୁ ଏହି ଶାସ୍ତ୍ର ଉଲ୍ଲେଖିତ ସାଧନା କରିବା ଉଚିତ୍। ଏହାକୁ ଶାସ୍ତ୍ରାନୁକୂଳ ସାଧନା କୁହାଯାଏ। ଏହି ଶାସ୍ତ୍ରରେ ଯେଉଁ ସାଧନା କରିବାକୁ ମନା କରାଯାଇଛି, ତାକୁ ଯଦି କେହି କରିଥାଏ, ସେ ଶାସ୍ତ୍ରବିଧିକୁ ତ୍ୟାଗ କରି ମନମୁଖି ଆଚରଣ କରେ, ଯାହା ବିଷୟରେ ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩-୪ରେ ଏହି ପ୍ରକାର କୁହାଯାଇଛି :-

➯ ଶ୍ଳୋକ ନଂ. ୨୩ :- ଯେଉଁ ପୁରୁଷ ଅର୍ଥାତ୍ ସାଧକ ଶାସ୍ତ୍ରବିଧିକୁ ତ୍ୟାଗ କରି ନିଜ ଇଚ୍ଛାନୁସାରେ ମନମୁଖି ଆଚରଣ କରେ ସେ ନା ତ ସିଦ୍ଧି ହାସଲ କରେ, ନା ପରମଗତିକୁ ଅର୍ଥାତ୍ ସମ୍ପୂର୍ଣ୍ଣ ମୋକ୍ଷ (ମୁକ୍ତି) ଏବଂ କୌଣସି ପ୍ରକାର ସୁଖକୁ ପ୍ରାପ୍ତ କରନ୍ତି ନାହିଁ। (ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩)

➯ ଶ୍ଳୋକ ନଂ ୨୪ :- ତେଣୁ ତୋ ପାଇଁ ଅର୍ଜୁନ! ଏହି କର୍ତ୍ତବ୍ୟ ଅର୍ଥାତ୍ ଯେଉଁ ଭକ୍ତି କର୍ମ କରିବା ଯୋଗ୍ୟ ଏବଂ ଅକର୍ତ୍ତବ୍ୟ ଅର୍ଥାତ୍ ଯେଉଁ ଭକ୍ତି କର୍ମ କରିବା ଯୋଗ୍ୟ ନୁହେଁ, ଏହି ବ୍ୟବସ୍ଥାରେ ଶାସ୍ତ୍ର ହିଁ ପ୍ରମାଣ। ଏହିପରି ଜାଣି ତୁ, ଶାସ୍ତ୍ରବିଧି ଦ୍ୱାରା ନିୟତ କର୍ମ ଅର୍ଥାତ୍ ଯାହା ଶାସ୍ତ୍ରରେ କରିବା ପାଇଁ କୁହାଯାଇଛି, ସେହି ଭକ୍ତି କର୍ମ ହିଁ କରିବା ଯୋଗ୍ୟ। (ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୪)

ହିନ୍ଦୁଭାଇମାନେ! ପ୍ରମାଣ ପାଇଁ ଗୀତା ପ୍ରେସ୍ ଗୋରଖପୁର ଦ୍ୱାରା ମୁଦ୍ରିତ ଏବଂ ପ୍ରକାଶିତ, ଶ୍ରୀ ଜୟଦୟାଲ ଗୋୟନ୍ଦକାଙ୍କ ଦ୍ୱାରା ଅନୁବାଦିତ ଶ୍ରୀମଦ୍‌ଭଗବତ୍ ଗୀତା ପଦଚ୍ଛେଦ, ଅନ୍ୱୟର ଅଧ୍ୟାୟ ୧୬, ଶ୍ଳୋକ ୨୩-୨୪ ର ଫଟୋକପି ଦେଖନ୍ତୁ।

গীতা অধ্যায় ১৬, শ্লোক ২৩ র ফটোকপী)

ଯଃ, ଶାସ୍ତ୍ରବିଧିମ୍, ଉତ୍ସୃଜ୍ୟ, ବର୍ତ୍ତତେ, କାମକାରତଃ,
ନ, ସଃ,ସିଦ୍ଧିମ୍, ଅବାପ୍ନୋତି, ନ, ସୁଖମ୍, ନ, ପରାମ୍, ଗତିମ୍, ॥୨୩॥

ଏବଂ

| | | | |
|---|---|---|---|
| ଯଃ | = ଯେଉଁ ପୁରୁଷ | ନ | = ନା |
| ଶାସ୍ତ୍ରବିଧିମ୍ | = ଶାସ୍ତ୍ରବିଧିକୁ | ସିଦ୍ଧିମ୍ | = ସିଦ୍ଧିକୁ |
| ଉତ୍ସୃଜ୍ୟ | = ତ୍ୟାଗ କରି | ଅବାପ୍ନୋତି | = ପ୍ରାପ୍ତ କରିଥାଏ |
| କାମକାରତଃ | = ନିଜ ଇଚ୍ଛାରେ | ନ | = ନା |
| | ମନମୁଖୀ | ପରାମ୍ | = ପରମ |
| ବର୍ତ୍ତତେ | = ଆଚରଣ | ଗତିମ୍ | = ଗତିକୁ ପାଇଥାଏ |
| | କରିଥାଏ, | ନ | = ନା |
| ସଃ | = ସେ | ସୁଖମ୍ | = ସୁଖ ପ୍ରାପ୍ତ କରିଥାଏ |

ଗୀତା ଅଧ୍ୟାୟ ୧୬, ଶ୍ଲୋକ ୨୩ ର ଫଟୋକପୀ)

ତସ୍ମାତ୍, ଶାସ୍ତ୍ରମ୍, ପ୍ରମାଣମ୍, ତେ, କାର୍ଯ୍ୟା, କାର୍ଯ୍ୟବ୍ୟବସ୍ଥିତୌ,
ଜ୍ଞାତ୍ୱା, ଶାସ୍ତ୍ରବିଧାନୋକ୍ତମ୍, କର୍ମ, କର୍ତ୍ତୁମ୍, ଇହ, ଅର୍ହସି ॥୨୪॥

| | | | |
|---|---|---|---|
| ତସ୍ମାତ୍ | = ଏଥିରୁ | | (ଏବମ୍)ଏପରି |
| ତେ | = ତୋ ପାଇଁ | ଜ୍ଞାତ୍ୱା | = ଜାଣି (ତୁ) |
| ଇହ | = ଏହି | ଶାସ୍ତ୍ରବିଧାନୋକ୍ତମ୍ | = ଶାସ୍ତ୍ରବିଧି ଦ୍ୱାରା |
| କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ | = କର୍ତ୍ତବ୍ୟ ଓ | | ନିୟତ |
| | ଅକର୍ତ୍ତବ୍ୟର | କର୍ମ | = କର୍ମ (ହିଁ) |
| | ବ୍ୟବସ୍ଥାରେ | | |
| ଶାସ୍ତ୍ରମ୍ | = ଶାସ୍ତ୍ର(ହିଁ) | କର୍ତ୍ତୁମ୍ | = କରିବା |
| ପ୍ରମାଣମ୍ | = ପ୍ରମାଣ ଅଟେ। | ଅର୍ହସି | = ଉଚିତ୍ । |

❖ ହିନ୍ଦୁଭାଇମାନେ ! ଆସନ୍ତୁ, ଆମେ ପବିତ୍ର ଶ୍ରୀମଦ୍ ଭଗବତ୍ ଗୀତା ଅଧ୍ୟାୟ ୧୭, ଶ୍ଲୋକ ନଂ ୧-୬ ପଢ଼ିବା:-
ଶ୍ଲୋକ ନଂ.୧ :- ଏହି ଶ୍ଲୋକରେ ଅର୍ଜୁନ ଗୀତା ଜ୍ଞାନଦାତା ପ୍ରଭୁଙ୍କୁ ପ୍ରଶ୍ନ କରିଛନ୍ତି କି :-

➯ ହେ କୃଷ୍ଣ ! ଯେଉଁମାନେ ଶାସ୍ତ୍ରବିଧିକୁ ତ୍ୟାଗକରି ଶ୍ରଦ୍ଧାଯୁକ୍ତ ହୋଇ ଦେବୀ-ଦେବତାମାନଙ୍କୁ ପୂଜା କରନ୍ତି, ସେମାନଙ୍କର ସ୍ଥିତି କ'ଣ ହୁଏ ? ଏହା ସାତ୍ତ୍ୱିକ ଅଥବା ରାଜସିକ କିମ୍ବା ତାମସିକ ? (ଗୀତା ଅଧ୍ୟାୟ ୧୭, ଶ୍ଲୋକ ୧)

ଏହାର ଉତ୍ତର ଶ୍ଲୋକ ୨-୬ ମଧ୍ୟରେ ଦିଆଯାଇଛି। ଗୀତା ଜ୍ଞାନଦାତା ପ୍ରଭୁଙ୍କର ଉତ୍ତର :-

➯ ସଂକ୍ଷେପରେ ଏହି ପ୍ରକାର :- ସମସ୍ତ ମନୁଷ୍ୟଙ୍କର ଶ୍ରଦ୍ଧା, ସେମାନଙ୍କର ପୂର୍ବ ତଥା ଇହ ଜନ୍ମର ସଂସ୍କାର ଅନୁସାରେ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ହୋଇଥାଏ। (ଗୀତା ଅଧ୍ୟାୟ ୧୭, ଶ୍ଲୋକ ୨)

➯ ହେ ଭାରତ ! ସମସ୍ତ ମନୁଷ୍ୟଙ୍କର ଶ୍ରଦ୍ଧା ସେମାନଙ୍କର ଅନ୍ତଃକରଣ ଅନୁରୂପ ହୋଇଥାଏ। ଯାହାର ଯେମିତି ଶ୍ରଦ୍ଧା, ସେ ସ୍ୱୟଂ ସେମିତି ହୋଇଥାଏ ଅର୍ଥାତ୍ ସେହିଭଳି ସ୍ୱଭାବର ହୋଇଥାନ୍ତି। (ଗୀତା ଅଧ୍ୟାୟ ୧୭, ଶ୍ଲୋକ ୩)

ସାତ୍ତ୍ୱିକମାନେ ଦେବତାମାନଙ୍କୁ ପୂଜା କରନ୍ତି। ରାଜସିକ ପୁରୁଷ ଯକ୍ଷ ଏବଂ ରାକ୍ଷସମାନଙ୍କୁ ପୂଜା କରନ୍ତି ଏବଂ ଅନ୍ୟ ସମସ୍ତ ତାମସିକ ମନୁଷ୍ୟ ପ୍ରେତ ଏବଂ ଭୂତମାନଙ୍କୁ ପୂଜା କରନ୍ତି। (ଗୀତା ଅଧ୍ୟାୟ ୧୭, ଶ୍ଳୋକ ୪)

➭ ହେ ଅର୍ଜୁନ ! ଯେଉଁ ମାନବ ଶାସ୍ତ୍ରବିଧିକୁ ତ୍ୟାଗକରି (କେବଳ ମନମୁଖୀ/ମନକଳ୍ପିତ) ଘୋର ତପସ୍ୟା କରେ ଏବଂ ଦମ୍ଭ ଓ ଅହଂକାରଯୁକ୍ତ କାମନା, ଆସକ୍ତି ଏବଂ କ୍ଷମତାର ଅଭିମାନରେ ଜଡ଼ିତ ରହନ୍ତି। (ଗୀତା ଅଧ୍ୟାୟ ୧୭, ଶ୍ଳୋକ ୫)

➭ ଏବଂ ଯେଉଁମାନେ ଶରୀର ରୂପରେ ବସିଥିବା ଭୂତସମୁଦାୟଙ୍କୁ ତଥା ମନଭିତରେ ବସିଥିବା ମୋତେ (ଗୀତା ଜ୍ଞାନଦାତା ପ୍ରଭୁଙ୍କୁ) ପିଡ଼ୀତ କରେ ଅର୍ଥାତ୍ କଷ୍ଟ ଦିଅନ୍ତି, ସେହି ଅଜ୍ଞାନୀମାନଙ୍କୁ ତୁମେ ଅସୁର ସ୍ୱଭାବଯୁକ୍ତ ବୋଲି ଜାଣ। (ଗୀତା ଅଧ୍ୟାୟ ୧୭, ଶ୍ଳୋକ ୬)

ଏହି ପ୍ରମାଣ ଗୀତା ଅଧ୍ୟାୟ ୧୬, ଶ୍ଳୋକ ୧୭-୨୦ରେ ମଧ୍ୟ ଅଛି। କୁହାଯାଇଛି କି :-

ଶ୍ଳୋକ ୧୭ :- ସେ ନିଜେ ନିଜକୁ ହିଁ ଶ୍ରେଷ୍ଠ ମାନୁଥିବା ଅହଂକାରୀ ପୁରୁଷ, ଧନ ଏବଂ ମାନ-ସମ୍ମାନରେ ଯୁକ୍ତ ହୋଇ କେବଳ ନାମକୁ ମାତ୍ର ଯଜ୍ଞ ଦ୍ୱାରା କପଟ ଭାବରେ ଶାସ୍ତ୍ର ବିରୁଦ୍ଧ ପୂଜା କରେ। (ଗୀତା ଅଧ୍ୟାୟ୧୬, ଶ୍ଳୋକ ୧୭)

➭ ଶ୍ଳୋକ ୧୮ :- ଅହଂକାର, ବଳ, ଗର୍ବ, କ୍ରୋଧ ଆଦିର ପରାୟଣ ଏବଂ ଅନ୍ୟର ନିନ୍ଦା କରୁଥିବା ବ୍ୟକ୍ତି ନିଜ ଏବଂ ଅନ୍ୟ ଶରୀରରେ ସ୍ଥିତ ମୋତେ (ଗୀତା ଜ୍ଞାନଦାତାଙ୍କୁ) ଦ୍ୱେଷ କରିଥାନ୍ତି। (ଗୀତା ଅଧ୍ୟାୟ ୧୬, ଶ୍ଳୋକ ୧୮)

➭ ଶ୍ଳୋକ ୧୯ :- ପାପୀ ଏବଂ ନିଷ୍ଠୁର ନରାଧମମାନଙ୍କୁ (ନିମ୍ନଶ୍ରେଣୀର ମନୁଷ୍ୟମାନଙ୍କୁ) ମୁଁ ସଂସାରରେ ବାରମ୍ବାର ଭୂତ ଯୋନିରେ ନିକ୍ଷେପ କରିଥାଏ)। (ଗୀତା ଅଧ୍ୟାୟ ୧୬, ଶ୍ଳୋକ ୧୯)

➭ ଶ୍ଳୋକ ୨୦ :- ହେ ଅର୍ଜୁନ! ସେ ମୂଢ଼ (ମୂର୍ଖ) ମୋତେ ପ୍ରାପ୍ତି ନକରି ଜନ୍ମ-ଜନ୍ମଧରି ଆସୁରୀ ଯୋନିରେ ଜନ୍ମ ଗ୍ରହଣ କରେ। ପୁଣି ତାଠାରୁ ବି ଅତି ନୀଚ ଗତିକୁ ପ୍ରାପ୍ତ କରେ ଅର୍ଥାତ୍ ଘୋର ନର୍କରେ ପଡ଼େ।

❖ <u>ଗୀତାର ଉପରୋକ୍ତ ଶ୍ଳୋକଗୁଡ଼ିକର ସାରାଂଶ :-</u>

ଗୀତା ଅଧ୍ୟାୟ ୧୭, ଶ୍ଳୋକ ୧ ରେ, ଅର୍ଜୁନ ପଚାରିଛନ୍ତି, ହେ କୃଷ୍ଣ! ଯେଉଁ ମନୁଷ୍ୟ ଶାସ୍ତ୍ରବିଧିକୁ ତ୍ୟାଗକରି ଶ୍ରଦ୍ଧାଯୁକ୍ତ ହୋଇ ଦେବୀ-ଦେବତାଙ୍କୁ ପୂଜା କରନ୍ତି, ସେମାନଙ୍କର ସ୍ୱଭାବ କିପରି? ଅର୍ଜୁନ, ଗୀତା ଅଧ୍ୟାୟ ୭, ଶ୍ଳୋକ ୧୨-୧୫ରେ ପ୍ରଥମେ ଶୁଣିଥିଲି କି ତିନିଗୁଣ ତଥା ତ୍ରିଗୁଣମୟୀ ମାୟା ଅର୍ଥାତ୍ ରଜଗୁଣ ବ୍ରହ୍ମାଜୀ, ସତଗୁଣ ବିଷ୍ଣୁଜୀ ତଥା ତମଗୁଣ ଶିବଜୀ ଆଦି ଦେବତାଙ୍କୁ ଯେଉଁମାନେ ପୂଜା କରନ୍ତି ସେମାନେ ସେହି ପର୍ଯ୍ୟନ୍ତ ସୀମିତ ଥାଆନ୍ତି। ସେମାନଙ୍କର ବୁଦ୍ଧି ଏହି ତିନି ଦେବତାଙ୍କ ଉର୍ଦ୍ଧ୍ୱରେ ଥିବା ମୋ (ଗୀତାଜ୍ଞାନ ଦାତାଙ୍କ) ଭକ୍ତି ପର୍ଯ୍ୟନ୍ତ ପହଁଞ୍ଚିପାରେ ନାହିଁ। ଯେଉଁମାନଙ୍କର ଜ୍ଞାନ ହରଣ ହୋଇଯାଇଛି, ରାକ୍ଷସ ସ୍ୱଭାବ ଧାରଣ କରିଥିବା, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତ କର୍ମ କରୁଥିବା ମୂର୍ଖମାନେ ମୋର ମଧ୍ୟ ଭକ୍ତି କରନ୍ତି ନାହିଁ।

❖ ଗୀତା ଅଧ୍ୟାୟ ୭, ଶ୍ଳୋକ ୨୦-୨୩ ରେ ନିମ୍ନରେ ଏହିପ୍ରକାର କୁହାଯାଇଛି :-

ଏଠାରେ ଶ୍ଳୋକ ୧୨-୧୫ର ପୁନରାବୃତ୍ତି ହୋଇଛି। କୁହାଯାଇଛି ଯେ ସେହି ସମସ୍ତ ଭୋଗର କାମନା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ହରଣ କରାଯାଇଛି, ସେହିମାନେ ନିଜର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ ଏହି ନିୟମଗଡ଼ିକୁ

ଧାରଣ କରି ଅର୍ଥାତ୍ ଲୋକବେଦ କାଳ୍ପନିକ କଥା ଆଧାରରେ ଅନ୍ୟାନ୍ୟ ଦେବତାମାନଙ୍କର ଭଜନ କରନ୍ତି ଅର୍ଥାତ୍ ପୂଜା କରନ୍ତି । ଯାହା ଗୀତାରେ ନିଷେଧ କରାଯାଇଛି ଯେ ରଜଗୁଣ ବ୍ରହ୍ମାଜୀ, ସତଗୁଣ ବିଷ୍ଣୁଜୀ ଏବଂ ତମଗୁଣ ଶିବଜୀ ଏବଂ ଅନ୍ୟ ଦେବୀ-ଦେବତାଙ୍କୁ ପୂଜା କରାଯିବା ଅନୁଚିତ । ସେମାନେ ଲୋକବେଦ ଆଧାରରେ ଲୋକଙ୍କ ମୁଖରୁ ମନଗଢ଼ା କଥା ଶୁଣି ଦେବତାମାନଙ୍କର ପୂଜା କରନ୍ତି । ସେମାନେ ଦେବତାମାନଙ୍କର ପୂଜା ଶାସ୍ତ୍ରବିଧି ରହିତ ଅର୍ଥାତ୍ ମନମୁଖୀ ଆଚରଣ କରନ୍ତି, ଯାହାକୁ ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩-୨୪ରେ ବ୍ୟର୍ଥ ସାଧନା ବୋଲି କୁହାଯାଇଛି । ଏହି ବିଷୟରେ ହିଁ ଗୀତା ଅଧ୍ୟାୟ ୧୭, ଶ୍ଳୋକ ୧ରେ ଅର୍ଜୁନ ପ୍ରଶ୍ନ କରିଛନ୍ତି, ହେ କୃଷ୍ଣ ! ଯେଉଁ ବ୍ୟକ୍ତି ଶାସ୍ତ୍ରବିଧିକୁ ତ୍ୟାଗକରି, ନିଜର ଇଚ୍ଛାରେ ଅନ୍ୟାନ୍ୟ ଦେବତାଙ୍କୁ ପୂଜା କରେ, ତାଙ୍କର ନିଷ୍ଠା କିପରି ଅର୍ଥାତ୍ ତାଙ୍କର ସ୍ଥିତି ରାଜସିକ, ସାତ୍ତ୍ୱିକ ନା ତାମସିକ ?

ଭାବାର୍ଥ ହେଉଛି ଯେଉଁମାନେ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ, ଏବଂ ତମଗୁଣ ଶିବଙ୍କୁ ଓ ଅନ୍ୟାନ୍ୟ ଦେବତାମାନଙ୍କୁ ପୂଜା କରନ୍ତି, ସେହିମାନଙ୍କର ସେହି ପୂଜା ଶାସ୍ତ୍ର ବିଧି ରହିତ କିନ୍ତୁ ଅନ୍ୟ ଦେବତାମାନଙ୍କର ପୂଜା ଯାହା କରିବା ଯୋଗ୍ୟ (ଅକର୍ତ୍ତବ୍ୟ) ନୁହେଁ, ତେବେ ସେମାନଙ୍କର ସ୍ୱଭାବ କିପରି ?

❖ ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୭, ଶ୍ଳୋକ ୨-୬ ରେ ଏହା ସ୍ପଷ୍ଟ କରିଦେଇଛନ୍ତି, ଯିଏ ସାତ୍ତ୍ୱିକ ଶ୍ରଦ୍ଧାଯୁକ୍ତ ବ୍ୟକ୍ତି ଅର୍ଥାତ୍ ଉତ୍ତମ ମନୁଷ୍ୟ ସେମାନେ କେବଳ ଅନ୍ୟ ଦେବତାଙ୍କୁ ପୂଜା କରନ୍ତି । ରାଜସିକ ସ୍ୱଭାବର ଲୋକମାନେ ରାକ୍ଷାସ ଓ ଯକ୍ଷମାନଙ୍କର ପୂଜା କରନ୍ତି । ଯେଉଁମାନେ ତାମସିକ ସ୍ୱଭାବର, ସେମାନେ ପ୍ରେତ ଓ ଭୂତମାନଙ୍କର ପୂଜା କରନ୍ତି । {ମନେ ରଖନ୍ତୁ ଯେ ଶ୍ରାଦ୍ଧ, ପିଣ୍ଡଦାନ, ଗଙ୍ଗାରେ ଅସ୍ଥିକୁ ପଣ୍ଡିତ ଦ୍ୱାରା ଜଳପ୍ରବାହ କରିବାର କ୍ରିୟା, ତେର ଦିନର କ୍ରିୟା, ବର୍ଷୀ କ୍ରିୟା ଆଦି ସମସ୍ତ କ୍ରିୟା କର୍ମକାଣ୍ଡ କୁହାଯାଏ । ଏହିସବୁ ରୀତିନୀତିକୁ ଗୀତାରେ ନିଷେଧ କରାଯାଇଛି । ବେଦରେ ଏହାକୁ ମୂର୍ଖ ସାଧନା କୁହାଯାଏ । ପ୍ରମାଣ :- ମାର୍କଣ୍ଡେୟ ପୁରାଣରେ ''ରଚି ଋଷିଙ୍କ ଉତ୍ପତ୍ତି'' ଅଧ୍ୟାୟ ଅନୁସାରେ ରଚି ଋଷି ବ୍ରହ୍ମଚର୍ଯ୍ୟ ପାଳନ କରି ଏକାନ୍ତରେ ରହି ବେଦ ଅନୁସାରେ ଭକ୍ତି କରିଥିଲେ । ଯେତେବେଳେ ତାଙ୍କୁ ୪୦ ବର୍ଷ ହୋଇଥିଲା, ତାଙ୍କର ପୂର୍ବ ପୁରୁଷମାନେ ଆକାଶରେ ଦେଖା ଦେଇଥିଲେ । ସେମାନେ ଋଷି ରୁଚିଙ୍କ ସହ କଥା ହୋଇଥିଲେ (ପିତା, ଜେଜେବାପା, ଗୋସେଇଁ ବାପା ଯେଉଁମାନେ ବ୍ରାହ୍ମଣ ତଥା ଋଷି ଥିଲେ । ସେମାନେ କର୍ମକାଣ୍ଡ କାର୍ଯ୍ୟ କରୁଥିଲେ । ଯେଉଁ କାରଣରୁ ସେମାନଙ୍କର ମୋକ୍ଷ ପ୍ରାପ୍ତି ହୋଇପାରି ନଥିଲା । ସେ ଭୂତ ଏବଂ ପିତୃପୁରୁଷଙ୍କ ଯୋନିରେ ଯନ୍ତ୍ରଣା ଭୋଗୁଥିଲେ, ସେମାନେ ଶାସ୍ତ୍ରବିଧିକୁ ତ୍ୟାଗକରି ମନମୁଖୀ ଆଚରଣ କରି ନିଜ ଜୀବନ ନଷ୍ଟ କରିଥିଲେ । ବହୁତ ଦୁଃଖୀ ଥିଲେ । ସେମାନେ ଋଷି ରୁଚିଙ୍କୁ କହିଥିଲେ) ପୁଅ ! ତୁମେ କାହିଁକି ବିବାହ କଲ ନାହିଁ ? ଆମର ଶ୍ରାଦ୍ଧ ଇତ୍ୟାଦି କର୍ମକାଣ୍ଡ କାହିଁକି ପାଳନ କଲନାହିଁ ? ରୁଚି ଋଷି ଉତ୍ତର ଦେଲେ, ହେ ପିତୃଗଣ ବେଦରେ କର୍ମକାଣ୍ଡକୁ ଅବିଦ୍ୟା (ମୂର୍ଖ ସାଧନା) କୁହାଯାଇଛି । ତେବେ ତୁମେ ମୋତେ ଏହା କରିବାକୁ କାହିଁକି କହୁଛ ? ପିତୃଗଣ କହିଲେ ପୁଅ ରୁଚି ! ଏହା ସତ୍ୟ ଯେ କର୍ମକାଣ୍ଡକୁ ବେଦରେ ଅବିଦ୍ୟା କୁହାଯାଇଛି । ତୁମେ ଯେଉଁ ସାଧନା କରୁଛ ଏହା ହେଉଛି ମୋକ୍ଷର ମାର୍ଗ । ଆମ୍ଭେ ବହୁ କଷ୍ଟରେ ଅଛୁ । ଆମ୍ଭମାନଙ୍କର ରକ୍ଷା କର ଅର୍ଥାତ୍ ବିବାହ କର । ଆମ୍ଭମାନଙ୍କର ପିଣ୍ଡଦାନ ଆଦି କର୍ମ କରି ଭୂତ ଯୋନିରୁ ଉଦ୍ଧାର କର ।

ସେମାନେ ନିଜେ ଶାସ୍ତ୍ରବିଧିକୁ ତ୍ୟାଗ କରି, କର୍ମକାଣ୍ଡ ରୂପକ ମନମୁଖୀ ଆଚରଣ କରି ପ୍ରେତ ହୋଇଥିଲେ। ନିଜ ପୁତ୍ର ରୁଚିଙ୍କଠାରୁ (ଯିଏ ଶାସ୍ତ୍ରୋକ୍ତ ଭକ୍ତି କରୁଥିଲା) ସତ୍ୟ ସାଧନାକୁ ଛଡ଼ାଇ ନର୍କରେ ଭାଗୀଦାର କରାଇ ଦେଲେ। ରୁଚି ଋଷି ବିବାହ କଲେ, ତା'ପରେ କର୍ମକାଣ୍ଡ କଲେ। ତା'ପରେ ସେ ମଧ୍ୟ ଭୂତ ହୋଇଯାଇଥିଲେ। ପିଣ୍ଡଦାନ କରିବା ଦ୍ୱାରା ଭୂତ ଯୋନିରୁ ଉଦ୍ଧାର ମିଳିଥାଏ। ତା'ପରେ ଜୀବକୁ ପଶୁ-ପକ୍ଷୀ ଇତ୍ୟାଦିଙ୍କର ଯୋନି ପ୍ରାପ୍ତ ହୋଇଥାଏ। କେଉଁ ପ୍ରକାରର ମୋକ୍ଷର ମାର୍ଗ ମିଳିଲା ? ସୂକ୍ଷ୍ମ ବେଦରେ କୁହାଯାଇଛି କି :-

**ଗରୀବ, ଭୂତ ଯୋନି ଛୁଟତ ହୈ, ପିଣ୍ଡ ପ୍ରଦାନ କରନ୍ତ। ଗରୀବଦାସ ଜିନ୍ଦା କହ, ନହାଁ ମିଲେ ଭଗବନ୍ତ।।**

ଗୀତା ଅଧ୍ୟାୟ ୯, ଶ୍ଲୋକ ୨୫ ରେ ମଧ ଏହା ସ୍ପଷ୍ଟ କରାଯାଇଛି । ଗୀତା ଅଧ୍ୟାୟ ୯, ଶ୍ଲୋକ ୨୫ ରେ କୁହାଯାଇଛି :- ଯେଉଁମାନେ ଦେବତାଙ୍କୁ ପୂଜା କରନ୍ତି ସେମାନେ ଦେବତାମାନଙ୍କୁ ପ୍ରାପ୍ତ କରନ୍ତି। ଯେଉଁମାନେ ପୂର୍ବ ପୁରୁଷମାନଙ୍କୁ ପୂଜା କରନ୍ତି, ସେମାନେ ପୂର୍ବପୁରୁଷମାନଙ୍କୁ ପ୍ରାପ୍ତ ହୋଇଥାନ୍ତି, ଯେଉଁମାନେ ଭୂତମାନଙ୍କୁ ପୂଜା କରନ୍ତି, ସେମାନେ ଭୂତକୁ ପ୍ରାପ୍ତ ହୁଅନ୍ତି। ଯେଉଁମାନେ ମୋତେ (ଗୀତା ଜ୍ଞାନଦାତା) ପୂଜା କରନ୍ତି, ମୁଁ ସେମାନଙ୍କୁ ପ୍ରାପ୍ତ ହୋଇଥାଏ। ସେଥିପାଇଁ ଶାସ୍ତ୍ର ଅନୁଯାୟୀ ଭକ୍ତି କରିବା ଲାଭଦାୟକ ହୋଇଥାଏ । ଏହିଭଳି କର।}

❖ ଗୀତା ଅଧ୍ୟାୟ ୧୭ ର ୫-୬ ଶ୍ଲୋକରେ ଏହା ସ୍ପଷ୍ଟ କରିଦିଆଯାଇଛି ଯେ ଯେଉଁମାନେ ଶାସ୍ତ୍ରବିଧିକୁ ଛାଡ଼ି ମନମୁଖୀ ଆଚରଣ କରନ୍ତି, ଘୋର ତପ କରନ୍ତି ତଥା ଉପରୋକ୍ତ ଅନ୍ୟାନ୍ୟ ଦେବତାମାନଙ୍କର ଅର୍ଥାତ୍ ରଜଗୁଣ ବ୍ରହ୍ମା, ସତଗୁଣ ବିଷ୍ଣୁ ଏବଂ ତମଗୁଣ ଶିବ ଏବଂ ଅନ୍ୟ ଦେବୀ-ଦେବତାମାନଙ୍କର ପୂଜା କରନ୍ତି, ଭୂତ ଓ ପ୍ରେତମାନଙ୍କର ପୂଜା କରନ୍ତି (ଶ୍ରାଦ୍ଧ ଓ କର୍ମକାଣ୍ଡ ହେଉଛି ଭୂତ ଓ ପ୍ରେତ ପୂଜା) ଏବଂ ଯେଉଁମାନେ ଯକ୍ଷ ଏବଂ ରାକ୍ଷାସମାନଙ୍କୁ ପୂଜା କରନ୍ତି। ସେମାନେ ଶରୀରରେ ସ୍ଥିତ ଭୂତଗଣଙ୍କୁ (କମଳରେ ଯେଉଁ ଶକ୍ତିଗୁଡ଼ିକ ବିରାଜମାନ ଅଛନ୍ତି, ସେମାନଙ୍କୁ) ଏବଂ ମନ ମଧ୍ୟରେ ଅବସ୍ଥିତ ମୋତେ (ଗୀତା ଜ୍ଞାନଦାତା) କଷ୍ଟ ଦେଇଥାନ୍ତି। କାରଣ ସେହି ଅଜ୍ଞାନୀମାନଙ୍କୁ ଅସୁର ସ୍ୱଭାବର ବୋଲି ଜାଣ। ଗୀତା ଅଧ୍ୟାୟ ୧୬, ଶ୍ଲୋକ ୧୭-୨୦ରେ ଏହାର ବ୍ୟାଖ୍ୟା ହୋଇଛି, ଯାହା ଆପଣ ପଢ଼ିଛନ୍ତି। ଏହା କୁହାଯାଇଛି କି ଯେଉଁମାନେ ଶାସ୍ତ୍ରବିଧି ରହିତ ପୂଜା କରନ୍ତି, ସେମାନେ ନିଜ ଶରୀରରେ ଏବଂ ଅନ୍ୟ ଶରୀରରେ ସ୍ଥିତ ମୋ (ଗୀତା ଜ୍ଞାନଦାତା) ସହିତ ଦ୍ୱେଷ କରନ୍ତି । ଏହାର କାରଣ ସେମାନେ ଅନ୍ୟ ଦେବୀ-ଦେବତାମାନଙ୍କୁ ପୂଜା କରନ୍ତି। ଗୀତା ଜ୍ଞାନଦାତା ଅର୍ଥାତ୍ କାଳର ପୂଜା କରନ୍ତି ନାହିଁ। ଏହି କାରଣରୁ ସେମାନଙ୍କୁ ଦ୍ୱେଷକାରୀ ବୋଲି କୁହାଯାଏ। ଏହି ଦ୍ୱେଷକାରୀମାନଙ୍କୁ ଅର୍ଥାତ୍ ଯେଉଁମାନେ ଶ୍ରୀ ବ୍ରହ୍ମାଜୀ ରଜଗୁଣ, ଶ୍ରୀ ବିଷ୍ଣୁଜୀ ସତଗୁଣ, ଓ ଶ୍ରୀ ଶିବଜୀ ତମଗୁଣ (କାଳ ବ୍ରହ୍ମଙ୍କର ତିନୋଟି ମୁଖ୍ୟ ଶକ୍ତି) ତଥା ଅନ୍ୟ ଦେବୀ-ଦେବତାମାନଙ୍କୁ ପୂଜା କରୁଥିବା ପାପାଚାରୀ, କ୍ରୂରକର୍ମୀ ନରାଧମମାନଙ୍କୁ ମୁଁ ବାରମ୍ବାର ଅସୁର ଯୋନିକୁ ନିକ୍ଷେପ କରିଥାଏ। (ଗୀତା ଅଧ୍ୟାୟ ୧୬, ଶ୍ଲୋକ ନଂ ୧୭-୧୯)

❖ ଗୀତା ଅଧ୍ୟାୟ ୧୬, ଶ୍ଲୋକ ୨୦ ରେ କୁହାଯାଇଛି କି ହେ ଅର୍ଜୁନ ! ଏହି ମୂଢ଼ଗଣ (ମୂର୍ଖମାନେ) ମୋତେ ପ୍ରାପ୍ତ ନ କରି, ସେମାନେ ଅନେକ ଜନ୍ମ ପର୍ଯ୍ୟନ୍ତ ଅସୁର ଯୋନିରେ ଜନ୍ମ ନେଇଥାନ୍ତି । ତା'ପରେ ସେମାନେ ମଧ ଅତି ନିମ୍ନ ଯୋନିକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ୍ ଘୋର ନର୍କରେ ପଡ଼ନ୍ତି।

ଯଦି କେହି କୁହେ ଯେ ଉପରେ ଉଲ୍ଲେଖିତ ଅଧ୍ୟାୟରେ ଶ୍ରୀ ବ୍ରହ୍ମାଜୀ, ଶ୍ରୀ ବିଷ୍ଣୁଜୀ ଏବଂ ଶ୍ରୀ ଶିବଜୀଙ୍କର ପୂଜା କରିବାକୁ କୁହାଯାଇ ନାହିଁ ସୁତରାଂ ଅନ୍ୟ ଦେବତାମାନଙ୍କ ପୂଜା ବିଷୟରେ କୁହାଯାଇଛି।

ଉତ୍ତର :- ଏହାର ଉତ୍ତର ହେଉଛି ଯେ ଶ୍ରୀମଦ୍‌ଭଗବତ୍ ଗୀତାରେ କୌଣସି ସ୍ଥାନରେ ଶ୍ରୀ ବ୍ରହ୍ମାଜୀ, ଶ୍ରୀ ବିଷ୍ଣୁଜୀ ଏବଂ ଶିବଜୀଙ୍କୁ ପୂଜା କରିବାକୁ କୁହାଯାଇ ନାହିଁ। ସେଥିପାଇଁ ସେମାନଙ୍କର ପୂଜା କରିବା ପାଇଁ ଗୀତା

ଶାସ୍ତ୍ରରେ ଉଲ୍ଲେଖ ନଥିବା କାରଣରୁ ଏହାକୁ ଶାସ୍ତ୍ରବିଧି ରହିତ କୁହାଯିବ। ଏହା ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩-୨୪ ଅନୁସାରେ ବ୍ୟର୍ଥ ପ୍ରମାଣିତ ହୋଇଥାଏ। ତା'ପରେ ହିନ୍ଦୁ ଭାଇମାନେ ଏମିତି କୌଣସି ଦେବୀ-ଦେବତାଙ୍କୁ ତ ଛାଡ଼ି ନାହାଁନ୍ତି ଯେଉଁମାନଙ୍କର ସେମାନେ ପୂଜା କରନ୍ତି ନାହିଁ। ଏଥିରୁ ସିଦ୍ଧ ହେଲା ଯେ "ହିନ୍ଦୁ ଭାଇମାନେ ବୁଝି ନାହାଁନ୍ତି ଗୀତା ଜ୍ଞାନ-ବିଜ୍ଞାନ"।

❖ ଗୀତାର ଉପରୋକ୍ତ ପ୍ରକରଣକୁ ବୁଝିବା ପାଇଁ ଅର୍ଥାତ୍ ପ୍ରମାଣ ପାଇଁ ଦୟାକରି ପଢ଼ନ୍ତୁ ଏବଂ ନିଜେ ଦେଖନ୍ତୁ ଶ୍ଳୋକଗୁଡ଼ିକର ଫଟୋକପୀ ଯାହା ଶ୍ରୀମଭଗବତ୍ ଗୀତା ପଦଚ୍ଛେଦ କ୍ରମରେ ଅଛି, ଯାହା ଭାରତର ପ୍ରସିଦ୍ଧ ଓ ବିଶ୍ୱସନୀୟ ଗୀତା ପ୍ରେସ୍ ଗୋରଖପୁରରୁ ମୁଦ୍ରିତ ତଥା ପ୍ରକାଶିତ ହୋଇଛି ତଥା ଶ୍ରୀ ଜୟଦୟାଲ ଗୋୟନ୍ଦାଙ୍କ ଦ୍ୱାରା ଅନୁବାଦିତ :-

(ଗୀତା ଅଧ୍ୟାୟ ୧୭, ଶ୍ଳୋକ ୧ ର ଫଟୋକପୀ)

ଯେ, ଶାସ୍ତ୍ରବିଧିମ୍, ଉତ୍ସୃଜ୍ୟ, ଯଜନ୍ତେ, ଶ୍ରଦ୍ଧୟା, ଅନ୍ୱିତାଃ,

ତେଷାମ୍, ନିଷ୍ଠା, ତୁ, କା, କୃଷ୍ଣ, ସତ୍ତ୍ୱମ୍, ଆହୋ, ରଜଃ, ତମଃ ॥୧॥

ଏହି ପ୍ରକାରେ ଭଗବାନଙ୍କ ବଚନ ଶୁଣି ଅର୍ଜୁନ କହିଲେ -

| | | | |
|---|---|---|---|
| କୃଷ୍ଣ | = ହେ କୃଷ୍ଣ ! | ତେଷାମ୍ | = ସେମାନଙ୍କର |
| ଯେ | = ଯେଉଁ ମନୁଷ୍ୟ | ନିଷ୍ଠା | = ସ୍ଥିତି |
| ଶାସ୍ତ୍ରବିଧିମ୍ | = ଶାସ୍ତ୍ରବିଧିକୁ | ତୁ | = ପୁଣି |
| ଉତ୍ସୃଜ୍ୟ | = ତ୍ୟାଗ କରି | କା | = କ'ଣ ହୁଏ ? |
| ଶ୍ରଦ୍ଧୟା | = ଶ୍ରଦ୍ଧା | ସତ୍ତ୍ୱମ୍ | = ସାତ୍ତ୍ୱିକୀ ଅଟେ। |
| ଆନ୍ୱିତାଃ | = ଯୁକ୍ତ ହୋଇ | ଆହୋ | = ଅଥବା |
| ଯଜନ୍ତେ | = ଦେବାଦିଙ୍କର ପୂଜା କରନ୍ତି | ରଜଃ | = ରାଜସୀ ?(କିମ୍ବା) |
| | | ତମଃ | = ତାମସୀ ? |

(ଗୀତା ଅଧ୍ୟାୟ ୧୭, ଶ୍ଳୋକ ୨ ର ଫଟୋ କପୀ)

ତ୍ରିବିଧା, ଭବତି, ଶ୍ରଦ୍ଧା, ଦେହିନାମ୍, ସା, ସ୍ୱଭାବଜା,
ସାତ୍ତ୍ୱିକୀ . ରାଜସୀ, ଚ, ଏବ, ତାମସୀ, ଚ, ଇତି, ତାମ୍, ଶୃଣୁ ॥୨॥
ଅର୍ଜୁନ ଏହା ପଚାରିବାରୁ କୃଷ୍ଣ ଭଗବାନ କହିଲେ - ହେ ଅର୍ଜୁନ ! -

| | | | |
|---|---|---|---|
| ଦେହିନାମ୍ | = ମଣିଷମାନଙ୍କର | ଚ | = ତଥା |
| ସା | = ସେହି (ଶାସ୍ତ୍ରୀୟ ସଂସ୍କାରରୁ ରହିତ କେବଳ) | ତାମସୀ | = ତାମସୀ - |
| | | ଇତି | = ଏପରି |
| | | ତ୍ରିବିଧା | = ତିନି ପ୍ରକାରର |
| ସ୍ୱଭାବଜା | = ସ୍ୱଭାବରୁ ଉତ୍ପନ୍ନ* | ଏବ | = ହିଁ |
| ଶ୍ରଦ୍ଧା | = ଶ୍ରଦ୍ଧା | ଭବତି | = ହୋଇଥାଏ। |
| ସାତ୍ତ୍ୱିକ | = ସାତ୍ତ୍ୱିକୀ | ତାମ୍ | = ତାହା(ତୁ) |
| ଚ | = ଏବଂ | (ମତ୍ତଃ) | = ମୋଠାରୁ |
| ରାଜସୀ | = ରାଜସୀ | ଶୃଣୁ | = ଶୁଣ। |

(ଗୀତା ଅଧ୍ୟାୟ ୧୭ ଶ୍ଳୋକ ୩ ର ଫଟୋ କପୀ)

ସତ୍ତ୍ୱାନୁରୂପା, ସର୍ବସ୍ୟ, ଶ୍ରଦ୍ଧା, ଭବତି, ଭାରତ,
ଶ୍ରଦ୍ଧାମୟଃ,ଅୟମ, ପୁରୁଷଃ, ଯଃ, ଯଚ୍ଛ୍ରଦ୍ଧଃ, ସଃ ,ଏବ, ସଃ ।।୩।।

| | | | | | |
|---|---|---|---|---|---|
| ଭାରତ | = | ହେ ଭାରତ ! | ପୁରୁଷଃ | = | ପୁରୁଷ |
| ସବସ୍ୟ | = | ସବୁ ମନୁଷ୍ୟଙ୍କର | ଶ୍ରଦ୍ଧାମୟଃ | = | ଶ୍ରଦ୍ଧାମୟ ଅଟେ । |
| ଶ୍ରଦ୍ଧା | = | ଶ୍ରଦ୍ଧା | (ଅତଃ) | = | ଏଣୁ |
| ସତ୍ତ୍ୱାନୁରୂପା | = | ସେମାନଙ୍କ | ଯଃ | = | ଯେଉଁ ପୁରୁଷ |
| | | ଅନ୍ତଃକରଣର ଅନୁରୂପ | ଯଚ୍ଛ୍ରଦ୍ଧଃ | = | ଯେପରି ଶ୍ରଦ୍ଧାବାନ୍ ଅଟେ, |
| ଭବତି | = | ହୁଏ । | ସଃ ଏବ | = | ସେ ସ୍ୱୟଂ ମଧ୍ୟ |
| ଅୟମ୍ | = | ଏହି | ସଃ | = | ସେହିପରି ଅଟେ । |

(ଗୀତା ଅଧ୍ୟାୟ ୧୭, ଶ୍ଳୋକ ୪ ର ଫଟୋ କପୀ)

ଯଜନ୍ତେ, ସାତ୍ତ୍ୱିକାଃ, ଦେବାନ୍, ଯକ୍ଷରକ୍ଷାଂସି, ରାଜସାଃ, ପ୍ରେତାନ୍,
ଭୂତଗଣାନ୍, ଚ, ଅନ୍ୟେ, ଯଜନ୍ତେ, ତାମସାଃ, ଜନାଃ ॥୪॥
ସେମାନଙ୍କ ମଧ୍ୟରେ-

| | | | | | |
|---|---|---|---|---|---|
| ସାତ୍ତ୍ୱିକାଃ | = | ସାତ୍ତ୍ୱିକ ପୁରୁଷ | ଅନ୍ୟେ | = | ଅନ୍ୟ (ଯେଉଁ) |
| ଦେବାନ୍ | = | ଦେବତାମାନଙ୍କୁ | ତାମସାଃ ଜନାଃ | = | ତାମସ ମନୁଷ୍ୟ ଅଛନ୍ତି(ସେମାନେ) |
| ଯଜନ୍ତେ | = | ପୂଜା କରନ୍ତି | | | |
| ରାଜସାଃ | = | ରାଜସ ପୁରୁଷ | ପ୍ରେତତାନ୍ ଚ | = | ପ୍ରେତ ଓ |
| ଯକ୍ଷରକ୍ଷାଂସି | = | ଯକ୍ଷ ଓ ରାକ୍ଷସ- | ଭୂତ ଗଣାନ୍ | = | ଭୂତମାନଙ୍କୁ |
| | | ମାନଙ୍କୁ (ତଥା) | ଯଜନ୍ତେ | = | ପୂଜା କରନ୍ତି । |

(ଗୀତା ଅଧ୍ୟାୟ ୧୭, ଶ୍ଳୋକ ୫ ର ଫଟୋ କପୀ)

ଅଶାସ୍ତ୍ରବିହିତମ୍, ଘୋରମ୍, ତପ୍ୟନ୍ତେ, ଯେ, ତପଃ, ଜନାଃ,
ଦମ୍ଭାହଙ୍କାରସଂଯୁକ୍ତାଃ, କାମରାଗବଲାନ୍ୱିତାଃ ॥୫॥
ଏବଂ ହେ ଅର୍ଜୁନ !-

| | | | | | |
|---|---|---|---|---|---|
| ଯେ | = | ଯେଉଁ | | | |
| ଜନାଃ | = | ମନୁଷ୍ୟମାନେ | ଦମ୍ଭାହଙ୍କାରସଂଯୁକ୍ତାଃ | = | ଦମ୍ଭ ଓ ଅହଙ୍କାରରେ ଯୁକ୍ତ(ଏବଂ) |
| ଅଶାସ୍ତ୍ରବିହିତମ୍ | = | ଶାସ୍ତ୍ରବିଧି ରହିତ (କେବଳ ମନଃ କଳ୍ପିତ ) | | | |
| ଘୋରମ୍ | = | ଘୋର | କାମରାଗବଲାନ୍ୱିତାଃ | = | କାମନା, ଆସକ୍ତି ଓ ବଳର ଅଭିମାନରେ ମଧ୍ୟ ଜଡ଼ିତ ରହନ୍ତି- |
| ତପଃ | = | ତପ | | | |
| ତପ୍ୟନ୍ତେ | = | ଆଚରଣ କରନ୍ତି (ତଥା) | | | |

(ଗୀତା ଅଧ୍ୟାୟ ୧୭, ଶ୍ଲୋକ ୬ ର ଫଟୋ କପି)

କର୍ଷୟନ୍ତଃ, ଶରୀରସ୍ଥମ୍, ଭୂତଗ୍ରାମମ୍, ଅଚେତସଃ, ମାମ୍,
ଚ, ଏବ, ଅନ୍ତଃଶରୀରସ୍ଥମ୍, ତାନ୍, ବିଦ୍ଧି, ଆସୁରନିଶ୍ଚୟାନ୍ ॥୬॥

ତଥା ଯେଉଁମାନେ -

| | | | | | |
|---|---|---|---|---|---|
| ଶରୀରସ୍ଥମ୍ | = | ଶରୀର ରୂପରେ ଥିବା | କର୍ଷୟନ୍ତଃ | = | କୃଶ କରାଉଥିବା[୨] |
| ଭୂତଗ୍ରାମମ୍ | = | ଭୂତ ସମୁଦାୟକୁ[୧] | ତାନ୍ | = | ସେହି |
| ଚ | = | ଏବଂ | ଅଚେତସଃ | = | ଅଜ୍ଞାନୀ ମାନଙ୍କୁ(ତୁ) |
| ଅନ୍ତଃଶରୀରସ୍ଥମ୍ | = | ଅନ୍ତଃକରଣରେ ସ୍ଥିତ | ଆସୁରନିଶ୍ଚୟାନ୍ | = | ଆସୁର ସ୍ୱଭାବଯୁକ୍ତ (ବୋଲି) |
| ମାମ୍ | = | ମୋତେ (ପରମାତ୍ମାଙ୍କୁ) | | | |
| ଏବ | = | ମଧ୍ୟ | ବିଦ୍ଧି | = | ଜାଣ। |

(ଗୀତା ଅଧ୍ୟାୟ ୧୬, ଶ୍ଲୋକ ୧୭ ର ଫଟୋ କପି)

ଆତ୍ମସମ୍ଭାବିତାଃ, ସ୍ତବ୍ଧାଃ, ଧନମାନମଦାନ୍ୱିତାଃ,
ଯଜନ୍ତେ, ନାମଯଜ୍ଞୈଃ, ତେ, ଦମ୍ଭେନ, ଅବିଧିପୂର୍ବକମ୍ ॥୧୭॥

ତଥା-

| | | | | | |
|---|---|---|---|---|---|
| ଆତ୍ମସମ୍ଭାବିତାଃ | = | ନିଜେ ନିଜକୁ ହିଁ ଶ୍ରେଷ୍ଠ ମନେ କରୁଥିବା | | | ମଦରେ ଯୁକ୍ତ ହୋଇ |
| | | | ନାମଯଜ୍ଞୈଃ | = | କେବଳ ନାମମାତ୍ର ଯଜ୍ଞମାନଙ୍କ ଦ୍ୱାରା |
| ସ୍ତବ୍ଧାଃ | = | ଗର୍ବୀ ପୁରୁଷ | ଦମ୍ଭେନ | = | ଆଡ଼ମ୍ବର ପୂର୍ବକ |
| ତେ | = | ସେହି | ଅବିଧିପୂର୍ବକମ୍ | = | ଶାସ୍ତ୍ର ବିଧି ରହିତ |
| ଧନମାନମଦାନ୍ୱିତାଃ | = | ଧନ ଓ ମାନର | ଯଜନ୍ତେ | = | ଯଜନ କରନ୍ତି। |

(ଗୀତା ଅଧ୍ୟାୟ ୧୬, ଶ୍ଲୋକ ୧୮ ର ଫଟୋ କପି)

ଅହଂକାରମ୍, ବଳମ୍, ଦର୍ପମ୍, କାମମ୍, କ୍ରୋଧମ୍, ଚ, ସଂଶ୍ରିତାଃ,
ମାମ୍, ଆତ୍ମପରଦେହେଷୁ, ପ୍ରଦ୍ୱିଷନ୍ତଃ, ଅଭ୍ୟସୂୟକାଃ ॥୧୮॥

ତଥା ସେହି-

| | | | | | |
|---|---|---|---|---|---|
| ଅହଂକାରମ | = | ଅହଂକାର, | | | ନିନ୍ଦା କରୁଥିବା ପୁରୁଷ |
| ବଳମ୍ | = | ବଳ, | ଆତ୍ମପରଦେହେଷୁ | = | ନିଜର ଓ ଅନ୍ୟ ମାନଙ୍କଶରୀରରେ (ଅଧିଷ୍ଠିତ) |
| ଦର୍ପମ୍ | = | ଗର୍ବ, | | | |
| କାମମ୍ | = | କାମନା (ଏବଂ) | | | |
| କ୍ରୋଧମ୍ | = | କ୍ରୋଧାଦିର | ମାମ୍ | = | ଅନ୍ତର୍ଯାମୀ ରୂପୀ-ମୋ ସହିତ |
| ସଂଶ୍ରିତାଃ ଚ | = | ପରାୟଣ ହୋଇ ଏବଂ | | | |
| ଅଭ୍ୟସୂୟକାଃ | = | ଅନ୍ୟମାନଙ୍କ | ପ୍ରଦ୍ୱିଷନ୍ତଃ | = | ଦ୍ୱେଷ କରିଥାଆନ୍ତି। |

(ଗୀତା ଅଧ୍ୟାୟ ୧୬, ଶ୍ଳୋକ ୧୯ ର ଫଟୋ କପି)

ତାନ୍, ଅହମ୍, ଦ୍ୱିଷତଃ, କ୍ରୂରାନ୍, ସଂସାରେଷୁ, ନରାଧମାନ୍,
କ୍ଷିପାମି, ଅଜସ୍ରମ୍, ଅଶୁଭାନ୍, ଆସୁରୀଷୁ, ଏବ, ଯୋନିଷୁ ॥୧୯॥

ଏହିପରି -

| | | | |
|---|---|---|---|
| ତାନ୍ | = ସେହି | ସଂସାରେଷୁ | = ସଂସାରରେ |
| ଦ୍ୱିଷତଃ | = ଦ୍ୱେଷ କରୁଥିବା | ଅଜସ୍ରମ୍ | = ବାରମ୍ବାର |
| ଅଶୁଭାନ୍ | = ପାପାଚାରୀ (ଏବଂ) | ଆସୁରୀଷୁ | = ଆସୁରୀ |
| କ୍ରୂରାନ୍ | = କ୍ରୂରକର୍ମୀ | ଯୋନିଷୁ | = ଯୋନିରେ |
| ନରାଧମାନ୍ | = ନରାଧମ ମାନଙ୍କୁ | ଏବ | = ହିଁ |
| ଅହମ୍ | = ମୁଁ | କ୍ଷିପାମି | = ପକାଇଥାଏ। |

(ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୦ ର ଫଟୋ କପି)

ଆସୁରୀମ, ଯୋନିମ୍, ଆପନ୍ନାଃ, ମୂଢ଼ାଃ, ଜନ୍ମନି, ଜନ୍ମନି,
ମାମ୍, ଅପ୍ରାପ୍ୟ, ଏବ, କୌନ୍ତେୟ, ତତଃ, ଯାନ୍ତି, ଅଧମାମ୍,ଗତିମ୍ ॥୨୦॥

ତେଣୁ -

| | | | |
|---|---|---|---|
| କୌନ୍ତେୟ | = ହେ ଅର୍ଜୁନ ! | ଏବ | = ହିଁ |
| ମୂଢ଼ାଃ | = ସେହି ମୂଢ଼ ଲୋକେ | ଆପନ୍ନାଃ | = ପାଇଥାଆନ୍ତି;(ପୁଣି) |
| ମାମ୍ | = ମୋତେ | | |
| ଅପ୍ରାପ୍ୟ | = ନ ପାଇ | ତତଃ | = ତା'ଠାରୁ ବି |
| ଜନ୍ମନି | = ଜନ୍ମ | ଅଧମାମ୍ | = ଅତି ନୀଚ |
| ଜନ୍ମନି | = ଜନ୍ମଧରି | ଗତିମ୍ | = ଗତି |
| ଆସୁରୀମ୍ | = ଆସୁରୀ | ଯାନ୍ତି | = ପ୍ରାପ୍ତ କରନ୍ତି ଅର୍ଥାତ୍ ଘୋର ନର୍କରେ ପଡ଼ନ୍ତି। |
| ଯୋନିମ୍ | = ଯୋନି | | |

(ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩ ର ଫଟୋ କପି)

ଯଃ, ଶାସ୍ତ୍ରବିଧିମ୍, ଉତ୍ସୃଜ୍ୟ, ବର୍ତତେ, କାମକାରତଃ,
ନ, ସଃ,ସିଦ୍ଧିମ୍, ଅବାପ୍ନୋତି, ନ, ସୁଖମ୍, ନ, ପରାମ୍, ଗତିମ୍, ॥୨୩॥

ଏବଂ-

| | | | |
|---|---|---|---|
| ଯଃ | = ଯେଉଁ ପୁରୁଷ | ସିଦ୍ଧିମ୍ | = ସିଦ୍ଧିକୁ |
| ଶାସ୍ତ୍ରବିଧିମ୍ | = ଶାସ୍ତ୍ରବିଧିକୁ | ଅବାପ୍ନୋତି | = ପ୍ରାପ୍ତ କରିଥାଏ |
| ଉତ୍ସୃଜ୍ୟ | = ତ୍ୟାଗ କରି | ନ | = ନା |
| କାମକାରତଃ | = ନିଜ ଇଚ୍ଛାରେ ମନମୁଖୀ | ପରାମ୍ | = ପରମ |
| | | ଗତିମ୍ | = ଗତିକୁ ପାଇଥାଏ |
| ବର୍ତତେ | = ଆଚରଣ କରିଥାଏ, | ନ | = ନା |
| ସଃ ନ | = ସେ ନା | ସୁଖମ୍ | = ସୁଖ ପ୍ରାପ୍ତ କରିଥାଏ। |

(ଗୀତା ଅଧ୍ୟାୟ ୧୬, ଶ୍ଲୋକ ୨୪ ର ଫଟୋ କପି)

ତସ୍ମାତ୍, ଶାସ୍ତ୍ରମ୍, ପ୍ରମାଣମ୍, ତେ, କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ,
ଜ୍ଞାତ୍ୱା, ଶାସ୍ତ୍ରବିଧାନୋକ୍ତମ୍, କର୍ମ, କର୍ତୁମ୍, ଇହ, ଅର୍ହସି ॥୨୪॥

| | | | | | |
|---|---|---|---|---|---|
| ତସ୍ମାତ୍ | = | ଏଥିରୁ | (ଏବମ୍) | = | ଏପରି |
| ତେ | = | ତୋ ପାଇଁ | ଜ୍ଞାତ୍ୱା | = | ଜାଣି (ତୁ) |
| ଇହ | = | ଏହି | ଶାସ୍ତ୍ରବିଧାନୋକ୍ତମ୍ | = | ଶାସ୍ତ୍ରବିଧି ଦ୍ୱାରା ନିୟତ |
| କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ | = | କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ବ୍ୟବସ୍ଥାରେ | କର୍ମ | = | କର୍ମ (ହିଁ) |
| ଶାସ୍ତ୍ରମ୍ | = | ଶାସ୍ତ୍ର(ହିଁ) | କର୍ତୁମ୍ | = | କରିବା |
| ପ୍ରମାଣମ୍ | = | ପ୍ରମାଣ ଅଟେ। | ଅର୍ହସି | = | ଉଚିତ୍ । |

(ଗୀତା ଅଧ୍ୟାୟ ୭, ଶ୍ଲୋକ ୧୨ ର ଫଟୋ କପି)

ଯେ, ଚ, ଏବ, ସାତ୍ତ୍ୱିକାଃ, ଭାବାଃ, ରାଜସାଃ, ତାମସାଃ, ଚ, ଯେ,
ମତ୍ତଃ, ଏବ, ଇତି, ତାନ୍, ବିଦ୍ଧି, ନ, ତୁ, ଅହମ୍, ତେଷୁ, ତେ, ମୟି, ॥୧୨॥
ତଥା-

| | | | | | |
|---|---|---|---|---|---|
| ଚ ଏବ | = | ଆହୁରି ମଧ୍ୟ | ମତ୍ତଃ,ଏବ | = | ମୋ ଠାରୁ ହିଁ (ଉତ୍ପନ୍ନ ହୋଇଛି) ବୋଲି |
| ସାତ୍ତ୍ୱିକାଃ | = | ସତ୍ତ୍ୱଗୁଣରୁ ଜାତ ହୋଇଥିବା | | | |
| ଯେ | = | ଯେଉଁସବୁ | ଇତି | = | ଏହା |
| ଭାବାଃ | = | ଭାବ ରହିଛି (ଏବଂ) | ବିଦ୍ଧି | = | ଜାଣ |
| ରାଜସାଃ ଚ | = | ରଜୋଗୁଣରୁ ତଥା | ତୁ | = | କିନ୍ତୁ(ପ୍ରକୃତରେ)[୧] |
| ତାମସାଃ | = | ତମୋଗୁଣରୁ ଜାତ ହୋଉଥିବା ଯେଉଁସବୁ ଭାବ ଅଛି | ତେଷୁ | = | ସେସବୁରେ |
| | | | ଅହମ୍ | = | ମୁଁ (ଏବଂ) |
| | | | ତେ | = | ସେସବୁ |
| | | | ମୟି | = | ମୋଠାରେ |
| ତାନ୍ | = | ସେ ସବୁକୁ (ତୁ) | ନ | = | ନାହିଁ। |

ବିଶେଷ :- ଗୀତା ଜ୍ଞାନଦାତା କହିଛନ୍ତି ଯେ ରଜଗୁଣ ବ୍ରହ୍ମାଜୀଙ୍କ ଦ୍ୱାରା ସୃଷ୍ଟି, ସତଗୁଣ ବିଷ୍ଣୁଜୀଙ୍କ ଦ୍ୱାରା ପାଳନ ଏବଂ ତମଗୁଣ ଶିବଜୀଙ୍କ ଦ୍ୱାରା ସଂହାର ହୋଇଥାଏ। ଏହା ସବୁ ମୋ ପାଇଁ ହେଉଛି। ସର୍ବଦା ମୋର ଆହାର ପ୍ରସ୍ତୁତ ରହୁ। ଗୀତା ଜ୍ଞାନଦାତା କାଳ ଅଟନ୍ତି ଯିଏ ନିଜେ ଗୀତା ଅଧ୍ୟାୟ ୧୧, ଶ୍ଲୋକ ୩୨ ରେ ନିଜକୁ କାଳ କହୁଛନ୍ତି। ଅଭିଶାପ ବଶତଃ ସେ ପ୍ରତିଦିନ ଏକ ଲକ୍ଷ ମଣିଷ ଖାଏ। ସେଥିପାଇଁ କୁହାଯାଏ ଯେ ରଜଗୁଣ ବ୍ରହ୍ମାଜୀ, ସତଗୁଣ ବିଷ୍ଣୁଜୀ ତଥା ତମଗୁଣ ଶିବଜୀ ଦ୍ୱାରା ଏହା ହୁଏ । ସେ ଗୁଡ଼ିକର କାରଣ ହେଉଛି ମୁଁ । ପରନ୍ତୁ ମୁଁ ସେମାନଙ୍କଠାରୁ ଭିନ୍ନ (ବ୍ରହ୍ମା, ବିଷ୍ଣୁ, ମହେଶ) ଅଟେ।

(ଗୀତା ଅଧ୍ୟାୟ ୭, ଶ୍ଳୋକ ୧୩ ର ଫଟୋ କପି)

ତ୍ରିଭିଃ, ଗୁଣମୟୈଃ, ଭାବୈଃ, ଏଭିଃ,ସର୍ବମ୍, ଇଦମ୍, ଜଗତ୍,
ମୋହିତମ୍, ନ, ଅଭିଜାନାତି, ମାମ୍,ଏଭ୍ୟଃ, ପରମ୍, ଅବ୍ୟୟମ୍, ॥୧୩॥
କିନ୍ତୁ-

| | | | | | |
|---|---|---|---|---|---|
| ଗୁଣମୟୈଃ | = | ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଏବଂ ତାମସ- | ଜଗତ୍ | = | ସଂସାର ଅର୍ଥାତ୍ ପ୍ରାଣୀ ସମୁଦାୟ |
| | | | ମୋହିତମ୍ | = | ମୋହିତ ହେଉଅଛି, (ତେଣୁ) |
| ଏଭିଃ | = | ଏହି | ଏଭ୍ୟଃ | = | ଏହି ତିନି ଗୁଣରୁ |
| ତ୍ରିଭିଃ | = | ତିନି ପ୍ରକାର | ପରମ୍ | = | ଉର୍ଦ୍ଧ୍ୱରେ ଥିବା |
| ଭାବୈଃ | = | ଭାବ ଦ୍ୱାରା | ମାମ୍ | = | ମୋତେ |
| ଇଦମ୍ | = | ଏହି | ଅବ୍ୟୟମ୍ | = | ଅବିନାଶୀକୁ |
| ସର୍ବମ୍ | = | ସାରା | ନ, ଅଭିଜାନାତି | = | ଜାଣେ ନାହିଁ । |

(ଗୀତା ଅଧ୍ୟାୟ ୭, ଶ୍ଳୋକ ୧୪ ର ଫଟୋ କପି)

ଦୈବୀ, ହି, ଏଷା, ଗୁଣମୟୀ, ମମ, ମାୟା, ଦୁରତ୍ୟୟା, ମାମ୍,
ଏବ, ଯେ, ପ୍ରପଦ୍ୟନ୍ତେ, ମାୟାମ୍, ଏତାମ୍, ତରନ୍ତି, ତେ ॥୧୪ ॥

| | | | | | |
|---|---|---|---|---|---|
| ହି | = | କାରଣ | ମାମ୍ | = | ମୋତେ |
| ମମ | = | ମୋର | ଏବ | = | ହିଁ (ନିରନ୍ତର) |
| ଏଷା | = | ଏହି | ପ୍ରପଦ୍ୟନ୍ତେ | = | ଭଜନ କରନ୍ତି, |
| ଦୈବୀ | = | ଅଲୌକିକ ଅର୍ଥାତ୍ ଅତି ଅଦ୍ଭୁତ | ତେ | = | ସେମାନେ |
| | | | ଏତାମ୍ | = | ଏହି |
| ଗୁଣମୟୀ | = | ତ୍ରିଗୁଣମୟୀ | ମାୟାମ୍ | = | ମାୟାକୁ |
| ମାୟା | = | ମାୟା | ତରନ୍ତି | = | ଉଲଙ୍ଘନ କରି ଯାଆନ୍ତି ଅର୍ଥାତ୍ ସଂସାରରୁ ତରି ଯାଆନ୍ତି । |
| ଦୁରତ୍ୟୟା | = | ବହୁତ ଦୁସ୍ତର,(କିନ୍ତୁ) | | | |
| ଯେ | = | ଯେଉଁ ପୁରୁଷ (କେବଳ) | | | |

(ଗୀତା ଅଧ୍ୟାୟ ୭, ଶ୍ଳୋକ ୧୫ ର ଫଟୋ କପି)

ନ, ମାମ୍, ଦୁଷ୍କୃତିନଃ, ମୂଢାଃ, ପ୍ରପଦ୍ୟନ୍ତେ, ନରାଧମାଃ,
ମାୟୟା, ଅପହୃତଜ୍ଞାନାଃ, ଆସୁରମ୍, ଭାବମ୍, ଆଶ୍ରିତାଃ ।।୧୫।।

ଏଭଳି ସୁଗମ୍ୟ ଉପାୟ ଥାଇ ମଧ୍ୟ-

| | | | | | |
|---|---|---|---|---|---|
| ମାୟୟା | = | ମାୟା ଦ୍ୱାରା | ନରାଧମାଃ | = | ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, |
| ଅପହୃତଜ୍ଞାନାଃ | = | ଯେଉଁ ମାନଙ୍କର ଜ୍ଞାନ ଅପହୃତ ହୋଇ ସାରିଛି,(ସେପରି) | ଦୁଷ୍କୃତିନଃ | = | ଦୂଷିତ କର୍ମ କରୁଥିବା |
| | | | ମୂଢାଃ | = | ମୂଢମାନେ |
| ଆସୁରମ୍, ଭାବମ୍ | = | ଅସୁର ସ୍ୱଭାବକୁ | ମାମ୍ | = | ମୋତେ |
| | | | ପ୍ରପଦ୍ୟନ୍ତେ | = | ଭଜନ୍ତି |
| ଆଶ୍ରିତାଃ | = | ଧାରଣ କରିଥିବା, | ନ | = | ନାହିଁ |

ବିଶେଷ :- ଏହି ଶ୍ଳୋକ ୧୫ ରେ ସ୍ପଷ୍ଟ କରାଯାଇଛି କି ଯେଉଁ ସାଧକମାନେ ରଜଗୁଣ ବ୍ରହ୍ମାଜୀ, ସତଗୁଣ ବିଷ୍ଣୁଜୀ ଏବଂ ତମଗୁଣ ଶିବଜୀ ଉପରେ ଦୃଢ଼ ବିଶ୍ୱାସ କରନ୍ତି ତଥା ଯେଉଁମାନଙ୍କ ଜ୍ଞାନ ଲୋକବେଦ (ଦନ୍ତକଥା/କିମ୍ବଦନ୍ତୀ) ଆଧାରରେ ଏହି ତ୍ରିଗୁଣମୟୀ ମାୟ ଦ୍ୱାରା ନଷ୍ଟ ହୋଇଯାଇଛି । ସେମାନେ ଏହି ତିନି ପ୍ରଧାନ ଦେବତା ଏବଂ ଅନ୍ୟ ଦେବତାଙ୍କ ଭକ୍ତିରେ ଦୃଢ଼ ଅଛନ୍ତି। କିନ୍ତୁ ସେମାନେ ମୋତେ (ଗୀତା ଜ୍ଞାନଦାତାଙ୍କୁ) ଭଜନ୍ତି ନାହିଁ। ଏଭଳି ଲୋକମାନେ ରାକ୍ଷାସୀ ସ୍ୱଭାବକୁ ଧାରଣ କରିଥିବା, ମନୁଷ୍ୟମାନଙ୍କ ମଧ୍ୟରେ ନୀଚ (ନରାଧମ) ଦୂଷିତ କର୍ମ କରୁଥିବା ମୂର୍ଖ ଅଟନ୍ତି। ସେମାନେ ମୋତେ (ଗୀତା ଜ୍ଞାନଦାତା କାଳ ବ୍ରହ୍ମକୁ) ଭଜନ୍ତି ନାହିଁ।

(ଗୀତା ଅଧ୍ୟାୟ ୭, ଶ୍ଳୋକ ୨୦ ର ଫଟୋ କପି)

କାମୈଃ, ତୈଃ, ତୈଃ, ହୃତଜ୍ଞାନାଃ, ପ୍ରପଦ୍ୟନ୍ତେ, ଅନ୍ୟଦେବତାଃ,
ତମ୍, ତମ୍, ନିୟମମ୍, ଆସ୍ଥାୟ, ପ୍ରକୃତ୍ୟା, ନିୟତାଃ, ସ୍ୱୟା ।।୨୦।।

ଏବଂ ହେ ଅର୍ଜୁନ !-

| | | | | | |
|---|---|---|---|---|---|
| ତୈଃ, ତୈଃ | = | ସେହି-ସେହି | ନିୟତାଃ | = | ପ୍ରେରିତ ହୋଇ |
| କାମୈଃ | = | ଭୋଗ କାମନା ଦ୍ୱାରା | ତମ୍,ତମ୍ | = | ସେହି-ସେହି |
| | | | ନିୟମମ୍ | = | ନିୟମଗୁଡ଼ିକୁ |
| ହୃତଜ୍ଞାନା | = | ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇ ସାରିଛି, (ସେମାନେ) | ଆସ୍ଥାୟ | = | ଧାରଣକରି[୨] |
| | | | ଅନ୍ୟଦେବତାଃ | = | ଅନ୍ୟ ଦେବତାମାନଙ୍କୁ |
| ସ୍ୱୟା | = | ନିଜ | ପ୍ରପଦ୍ୟନ୍ତେ | = | ଭଜନ୍ତି ଅର୍ଥାତ୍ ପୂଜା କରନ୍ତି। |
| ପ୍ରକୃତ୍ୟା | = | ସ୍ୱଭାବ ଦ୍ୱାରା | | | |

(ଗୀତା ଅଧ୍ୟାୟ ୭, ଶ୍ଲୋକ ୨୧ ର ଫଟୋ କପି)

ଯଃ, ଯଃ, ଯାମ୍, ଯାମ୍, ତନୁମ୍, ଭକ୍ତଃ, ଶ୍ରଦ୍ଧୟା, ଅର୍ଚିତୁମ୍, ଇଚ୍ଛତି,
ତସ୍ୟ, ତସ୍ୟ, ଅଚଲାମ୍, ଶ୍ରଦ୍ଧାମ୍, ତାମ୍, ଏବ, ବିଦଧାମି, ଅହମ୍, ॥୨୧॥

| | | | | | |
|---|---|---|---|---|---|
| ଯଃ, ଯଃ | = | ଯେଉଁ ଯେଉଁ | ତସ୍ୟ | = | ସେହି |
| ଭକ୍ତଃ | = | ସକାମ ଭକ୍ତ | ତସ୍ୟ | = | ସେହି ଭକ୍ତର |
| ଯାମ୍, ଯାମ୍ | = | ଯେଉଁ ଯେଉଁ | ଶ୍ରଦ୍ଧାମ୍ | = | ଶ୍ରଦ୍ଧାକୁ |
| ତନୁମ୍ | = | ଦେବତାଙ୍କ ସ୍ୱରୂପକୁ | ଅହମ୍ | = | ମୁଁ |
| | | | ତାମ୍,ଏବ | = | ସେହି ଦେବତାଙ୍କ ଠାରେ |
| ଶ୍ରଦ୍ଧୟା | = | ଶ୍ରଦ୍ଧାରେ | | | |
| ଅର୍ଚିତୁମ୍ | = | ପୂଜା କରିବାକୁ | ଅଚଲାମ୍ | = | ସ୍ଥିର |
| ଇଚ୍ଛତି | = | ଇଚ୍ଛା କରିଥାଆନ୍ତି | ବିଦଧାମି | = | କରେ । |

(ଗୀତା ଅଧ୍ୟାୟ ୭, ଶ୍ଲୋକ ୨୨ ର ଫଟୋ କପି)

ସଃ, ତୟା, ଶ୍ରଦ୍ଧୟା, ଯୁକ୍ତଃ, ତସ୍ୟ, ଆରାଧନମ୍, ଈହତେ,
ଲଭତେ, ଚ, ତତଃ, କାମାନ୍, ମୟା, ଏବ, ବିହିତାନ୍, ହି, ତାନ୍, ॥୨୨ ॥

ତଥା-

| | | | | | |
|---|---|---|---|---|---|
| ସଃ | = | ସେହି ପୁରୁଷ | ମୟା | = | ମୋ ଦ୍ୱାରା |
| ତୟା | = | ସେହି | ଏବ | = | ହିଁ |
| ଶ୍ରଦ୍ଧୟା | = | ଶ୍ରଦ୍ଧାରେ | ବିହିତାନ୍ | = | ବିଧାନ କରାଯାଇଥିବା |
| ଯୁକ୍ତଃ | = | ଯୁକ୍ତ ହୋଇ | | | |
| ତସ୍ୟ | = | ସେହି ଦେବତାଙ୍କର | ତାନ୍ | = | ସେହି |
| ଆରାଧନମ୍ | = | ପୂଜା | କାମାନ୍ | = | ଇଚ୍ଛିତ ଭୋଗ ଗୁଡ଼ିକୁ |
| ଈହତେ | = | କରିଥାଏ | | | |
| ଚ | = | ଏବଂ | ହି | = | ନିଃସନ୍ଦେହ |
| ତତଃ | = | ସେହି ଦେବତାଙ୍କ ଠାରୁ | ଲଭତେ | = | ପ୍ରାପ୍ତ କରିଥାଏ । |

(ଗୀତା ଅଧ୍ୟାୟ ୭, ଶ୍ଲୋକ ୨୩ ର ଫଟୋ କପି)

ଅନ୍ତବତ୍, ତୁ , ଫଳମ୍, ତେଷାମ୍, ତତ୍, ଭବତି, ଅଳ୍ପମେଧସାମ୍,
ଦେବାନ୍, ଦେବଯଜଃ, ଯାନ୍ତି, ମଦ୍ଭକ୍ତାଃ, ଯାନ୍ତି, ମାମ୍, ଅପି, ॥୨୩॥

| | | | | | |
|---|---|---|---|---|---|
| ତୁ | = | ପରନ୍ତୁ | ଯାନ୍ତି | = | ପ୍ରାପ୍ତ ହୁଅନ୍ତି (ଏବଂ) |
| ତେଷାମ୍ | = | ସେହି | ମଦ୍ଭକ୍ତାଃ | = | ମୋର ଭକ୍ତ (ଯେକୌଣସି ଉପାୟରେ ଭଜନ କରି ଶେଷରେ ସେମାନେ) |
| ଅଳ୍ପମେଧସାମ୍ | = | ଅଳ୍ପବୁଦ୍ଧିମାନଙ୍କର | | | |
| ତତ୍ | = | ସେହି | | | |
| ଫଳମ୍ | = | ଫଳ | | | |
| ଅନ୍ତବତ୍ | = | ନାଶବାନ | | | |
| ଭବତି | = | ହୁଏ;(ତଥା ସେହି) | ମାମ୍ | = | ମୋତେ |
| ଦେବଯଜଃ | = | ଦେବ ଉପାସକ | ଅପି | = | ହିଁ |
| ଦେବାନ୍ | = | ଦେବତାମାନଙ୍କୁ | ଯାନ୍ତି | = | ପ୍ରାପ୍ତ କରନ୍ତି। |

(ଗୀତା ଅଧ୍ୟାୟ ୯, ଶ୍ଲୋକ ୨୫ ର ଫଟୋ କପି)

ଯାନ୍ତି, ଦେବବ୍ରତାଃ, ଦେବାନ୍, ପିତୃନ୍, ଯାନ୍ତି, ପିତୃବ୍ରତାଃ, ଭୂତାନି,
ଯାନ୍ତି, ଭୂତେଜ୍ୟାଃ, ଯାନ୍ତି, ମଦ୍ୟାଜିନଃ, ଅପି, ମାମ୍ ॥୨୫॥

କାରଣ ନିୟମ ଅଛି ଯେ -

| | | | | | |
|---|---|---|---|---|---|
| ଦେବବ୍ରତାଃ | = | ଦେବତାମାନଙ୍କୁ ପୂଜୁଥିବା ମନୁଷ୍ୟ | ଭୂତାନି | = | ଭୂତମାନଙ୍କୁ |
| | | | ଯାନ୍ତି | = | ପ୍ରାପ୍ତ ହୁଅନ୍ତି ଏବଂ |
| ଦେବାନ୍ | = | ଦେବାତାମାନଙ୍କୁ | ମଦ୍ୟାଜିନଃ | = | ମୋର ପୂଜା କରୁଥିବା ଭକ୍ତମାନେ |
| ଯାନ୍ତ | = | ପ୍ରାପ୍ତ ହୁଅନ୍ତି | | | |
| ପିତୃବ୍ରତାଃ | = | ପିତରମାନଙ୍କୁ ପୂଜୁଥିବା ମନୁଷ୍ୟ | ମାମ୍ | = | ମୋତେ |
| | | | ଅପି | = | ହିଁ ପ୍ରାପ୍ତ ହୁଅନ୍ତି। |
| ପିତୃନ୍ | = | ପିତରମାନଙ୍କୁ | ଯାନ୍ତି | = | ତେଣୁ ମୋ ଭକ୍ତ ମାନଙ୍କର ପୂର୍ନଜନ୍ମ ହୁଏନାହିଁ। |
| ଯାନ୍ତି | = | ପ୍ରାପ୍ତ ହୁଅନ୍ତି, | | | |
| ଭୂତେଜ୍ୟାଃ | = | ଭୂତମାନଙ୍କୁ ପୂଜୁଥିବା ମନୁଷ୍ୟ | | | |

❖ ବିଶେଷ ସୂଚନା : ପ୍ରଶ୍ନ :- ଏବେ ହିନ୍ଦୁଭାଇ କହିବେ ଯେ ପୁରାଣରେ ଶ୍ରାଦ୍ଧ, କର୍ମକାଣ୍ଡ ଆଦି କରିବାକୁ କୁହାଯାଇଛି। ତୀର୍ଥକୁ ଯିବା ଦ୍ୱାରା ପୂଣ୍ୟ ମିଳିଥାଏ ବୋଲି କୁହାଯାଇଛି। ଋଷିମାନେ ତ ତପ କରିଥିଲେ। ତାହେଲେ କ'ଣ ଆମ୍ଭେ ସେମାନଙ୍କୁ ବି ଭୁଲ କହିବା? ଶ୍ରୀ ବ୍ରହ୍ମାଜୀ, ଶ୍ରୀ ବିଷ୍ଣୁଜୀ ଏବଂ ଶିବଜୀ ମଧ୍ୟ ତପ କରିଥିଲେ। ତାହେଲେ ସେମାନେ ମଧ୍ୟ ଭୁଲ କରିଥିଲେ କି?

ଉତ୍ତର :- ଉପରୋକ୍ତ ଶ୍ରୀମଦ୍ଭଗବତ୍ ଗୀତାରୁ ଏହା ସ୍ପଷ୍ଟ ହେଉଛି ଯେ ଯେଉଁମାନେ ଘୋର ତପସ୍ୟା କରନ୍ତି, ସେମାନେ ମୂର୍ଖ, ପାପାଚାରୀ ଓ କ୍ରୁରକର୍ମୀ । ବ୍ରହ୍ମା,ବିଷ୍ଣୁ, ଶିବ କିମ୍ବା ଅନ୍ୟ କୌଣସି ଋଷି ହୋଇଥାନ୍ତୁ, ସେମାନଙ୍କ ପାଖରେ ବେଦର କ-ଖ ଜ୍ଞାନ ନଥିଲା। ଅନ୍ୟମାନଙ୍କ ପାଖରେ ଏହା କେଉଁଠୁ ଆସିବ?। ଗୀତାରେ ତୀର୍ଥ ଭ୍ରମଣ ବିଷୟରେ କେଉଁଠାରେ ବି ଉଲ୍ଲେଖ ନାହିଁ। ଏହି କାରଣରୁ ତୀର୍ଥ ଭ୍ରମଣ କରିବା ଶାସ୍ତ୍ର ବିରୁଦ୍ଧ ଅଟେ। ଏହା ହେଉଛି ଶାସ୍ତ୍ର ବିଧିକୁ ତ୍ୟାଗ କରି ମନମୁଖୀ ଆଚରଣ କରିବା, ଯାହାକୁ ଗୀତାରେ ବ୍ୟର୍ଥ କୁହାଯାଇଛି।

ପ୍ରଶ୍ନ :- ପୁରାଣ କ'ଣ ଶାସ୍ତ୍ର ନୁହେଁ?

ଉତ୍ତର : - ପୁରାଣଗୁଡ଼ିକର ଜ୍ଞାନ ହେଉଛି ଋଷିମାନଙ୍କର ନିଜସ୍ୱ ଅନୁଭବ। ବେଦ ଏବଂ ଗୀତା ହେଉଛି ପ୍ରଭୁଦତ୍ତ (God Given) ଜ୍ଞାନ ଯାହା ସଂପୂର୍ଣ୍ଣ ସତ୍ୟ ଅଟେ। ଋଷିମାନେ ବେଦକୁ ପଢ଼ିଲେ। ଏହାକୁ ସଠିକ୍ ଭାବରେ ବୁଝି ପାରିଲେ ନାହିଁ। ଯେଉଁ କାରଣରୁ ସେମାନେ ଲୋକବେଦ (ଅନ୍ୟମାନଙ୍କ ଠାରୁ ଶୁଣା ଜ୍ଞାନ) ଆଧାରରେ ସାଧନା କରିଥିଲେ। କିଛି ଜ୍ଞାନ ବେଦରୁ ଗ୍ରହଣ କରିଥିଲେ ଅର୍ଥାତ ଓମ୍ (ଓଁ) ନାମର ଜପ ଯଜୁର୍ବେଦ ଅଧ୍ୟାୟ ୪୦, ଶ୍ଳୋକ ୧୫ରୁ ନେଇଥିଲେ। ତପସ୍ୟା କରିବାର ଜ୍ଞାନ ବ୍ରହ୍ମାଜୀଙ୍କ ଠାରୁ ପ୍ରାପ୍ତ କରିଥିଲେ। ଖିଚୁଡ଼ି ଜ୍ଞାନ ଆଧାରରେ ସାଧନା କରି, ସିଦ୍ଧି ପ୍ରାପ୍ତ କରି କାହାକୁ ଅଭିଶାପ, କାହାକୁ ଆଶୀର୍ବାଦ ଦେଇ ନିଜ ଜୀବନକୁ ନଷ୍ଟ କରିଥିଲେ। ଗୀତାରେ କୁହାଯାଇଛି ଯେ ଯେଉଁମାନେ ମନମୁଖୀ ଆଚରଣ ଅର୍ଥାତ୍ ଶାସ୍ତ୍ରବିଧି ତ୍ୟାଗ କରି ଯିଏ ସାଧନା କରନ୍ତି। ସେମାନଙ୍କୁ କୌଣସି ଲାଭ ମିଳିନଥାଏ। ଯେଉଁମାନେ ଘୋର ତପସ୍ୟା କରନ୍ତି, ସେମାନେ ରାକ୍ଷସ ସ୍ୱଭାବଯୁକ୍ତ।

ପ୍ରମାଣ :- ଏକଦା ପାଣ୍ଡବମାନେ ବନବାସରେ ଥିଲେ। ଦୁର୍ଯ୍ୟୋଧନଙ୍କ କହିବା ଅନୁସାରେ ଦୁର୍ବାସା ଋଷି ଅଠାଅଶୀ ଶହସ୍ର ଋଷିଙ୍କୁ ନେଇ ପାଣ୍ଡବମାନଙ୍କ ନିକଟକୁ ଗଲେ। ମନରେ ଏହି ଭାବନା ଥିଲା ଯେ ପାଣ୍ଡବମାନେ ତାଙ୍କ ଇଚ୍ଛା ଅନୁସାରେ ଭୋଜନ କରାଇ ପାରିବେ ନାହିଁ। ମୁଁ ତାଙ୍କୁ ଅଭିଶାପ ଦେଇଦେବି। ସେମାନେ ନଷ୍ଟ ହୋଇଯିବେ।

➭ ବିଚାର କରନ୍ତୁ :- ଦୁର୍ବାସା ମହାନ ତପସ୍ୱୀ ଥିଲେ। ଘୋର ତପସ୍ୟା କରିଥିବା ସେହି ପାପାଚାରୀ ନରାଧମ କିପରି ଜୁଲୁମ କରିବାକୁ ପଦକ୍ଷେପ ନେଇଥିଲେ। ଦୁଃଖୀମାନଙ୍କୁ ଆହୁରି ଦୁଃଖୀ କରିବା ଉଦ୍ଦେଶ୍ୟରେ ଯାଇଥିଲେ। ଏହା କ'ଣ ରାକ୍ଷସୀ କର୍ମ ନଥିଲା ? ଇଏ ଜଣେ କ୍ରୁରକର୍ମୀ ନରାଧମ ନଥିଲେ କି ?

ଏହି ଦୁର୍ବାସା ଋଷି ପିଲାମାନଙ୍କ ଉପହାସରେ କ୍ରୋଧିତ ହୋଇ ଯାଦବମାନଙ୍କୁ ଅଭିଶାପ ଦେଇଦେଲେ। ତିନି-ଚାରି ପିଲା ( ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଆଦି) ଭୁଲ କରିଥିଲେ କିନ୍ତୁ ସମଗ୍ର ଯାଦବ ବଂଶକୁ ବିନାଶ କରିଦେଇଥିଲେ। ଦୁର୍ବାସାଙ୍କ ଅଭିଶାପରୁ ୫୬ କୋଟି (ଛପନ କୋଟି) ଯାଦବ ପରସ୍ପର ମଧ୍ୟରେ ଲଢ଼ି ମରିଗଲେ। ଏହାର ପ୍ରଭାବରେ ଶ୍ରୀକୃଷ୍ଣଜୀ ମଧ୍ୟ ମୃତ୍ୟୁ ବରଣ କରିଥିଲେ। ଏହା କ'ଣ ଦୁର୍ବାସାଙ୍କର ରାକ୍ଷସ କର୍ମ ନଥିଲା ?

❖ ଅନ୍ୟ କର୍ମ ପୁରାଣ ରଚନା କରିଥିବା ଋଷିମାନଙ୍କର କଥା ଶୁଣନ୍ତୁ :-

ବଶିଷ୍ଠ ଋଷି ଜଣେ ରାଜାଙ୍କୁ ରାକ୍ଷସ ହୋଇଯିବା ପାଇଁ ଅଭିଶାପ ଦେଇ ଦେଲେ, ସେ ରାକ୍ଷସ ହୋଇ ଦୁଃଖୀ ହେଲା। ବଶିଷ୍ଠ ଋଷି ସେହି ଅନ୍ୟ ରାଜାମାନଙ୍କୁ ମରିବାକୁ ଅଭିଶାପ ଦେଇଦେଲେ ଯେଉଁମାନେ ଋଷି ବଶିଷ୍ଠଙ୍କ ଦ୍ୱାରା ଯଜ୍ଞ କ୍ରୀୟା ଆଦି ନ କରାଇ ଅନ୍ୟମାନଙ୍କ ଦ୍ୱାରା କରାଇ ଥିଲେ। ସେହି ରାଜା ବଶିଷ୍ଠ ଋଷିଙ୍କୁ ମରିବାକୁ ଅଭିଶାପ ଦେଇଦେଲେ। ଦୁହିଁଙ୍କର ମୃତ୍ୟୁ ହୋଇଗଲା।

ବଶିଷ୍ଠଜୀଙ୍କର ପୁନର୍ବାର ଜନ୍ମ ହେଲା। ଯାହା ପୁରାଣରେ ଏହି ପ୍ରକାର କୁହାଯାଇଛି ଯେ : - ଦୁଇଜଣ ରଷି ଜଙ୍ଗଲରେ ତପସ୍ୟା କରୁଥିଲେ। ଜଣେ ଅପ୍ସରା ସ୍ୱର୍ଗରୁ ଆସିଲା। ସେ ବହୁତ ସୁନ୍ଦର ଥିଲା। ତାକୁ ଦେଖିବା ମାତ୍ରେ ଦୁଇ ରଷିଙ୍କର ବୀର୍ଯ୍ୟ ସ୍ଖଳନ (ବୀର୍ଯ୍ୟପାତ) ହୋଇଗଲା। ଦୁହେଁ ଥରକୁ ଥର କରି କୁଟୀରରେ ରଖାଯାଇଥିବା ପାତ୍ରରେ ସ୍ଖଳିତ ବୀର୍ଯ୍ୟକୁ ରଖିଥିଲେ। ସେଥିରୁ ଜଣେ ବଶିଷ୍ଠ ରଷିଙ୍କ ଆତ୍ମାର ପୁନର୍ଜନ୍ମ ହେଲା। ନାମ ବଶିଷ୍ଠ ହିଁ ରଖାଗଲା। ଅନ୍ୟ ଜଣକ ନାମ କୁମ୍ଭକ ରଷି ରଖାଗଲା।

ବିଶ୍ୱାମିତ୍ର ରଷିଙ୍କ କର୍ମ :- ରାଜ୍ୟ ତ୍ୟାଗ କରି ଜଙ୍ଗଲକୁ ଗଲେ। ଘୋର ତପସ୍ୟା କରି ସିଦ୍ଧି ପ୍ରାପ୍ତ କଲେ। ବଶିଷ୍ଠ ରଷି ତାଙ୍କୁ ରାଜ-ରଷି ରୂପେ ସମ୍ବୋଧିତ କଲେ। ବିଶ୍ୱାମିତ୍ର ଏଥିରେ କ୍ଷୁବ୍ଧ (କ୍ରୋଧିତ) ହୋଇ ବାଡ଼ି ଓ ପଥର ସାହାଯ୍ୟରେ ବଶିଷ୍ଠଜୀଙ୍କ ଶହେ ପୁତ୍ରଙ୍କୁ ମାରିଦେଲେ। ବଶିଷ୍ଠ ରଷି ତାଙ୍କୁ ବ୍ରହ୍ମ ରଷି ରୂପେ ସମ୍ବୋଧନ କରିବା ପରେ ସେ ଖୁସି ହୋଇଥିଲେ କାରଣ ବିଶ୍ୱାମିତ୍ର ତାଙ୍କୁ ରାଜ-ରଷି କହିବାରୁ ତାଙ୍କୁ ଅପମାନ ଲାଗିଥିଲା। ସେ ବ୍ରହ୍ମ-ରଷି ପଦ ଚାହୁଁଥିଲେ।

ବିଚାର କରନ୍ତୁ! ଏହା ରାକ୍ଷସୀ କର୍ମ ନୁହେଁ କି? ଅଠର ପୁରାଣ ହେଉଛି ଏହିଭଳି ରଷିମାନଙ୍କର ରଚନା ।

ଥରେ ରଷି ବିଶ୍ୱାମିତ୍ର ଜଙ୍ଗଲରେ କୁଟୀରରେ ବସିଥିଲେ। ମେନକା ନାମକ ଏକ ଉର୍ବଶୀ ସ୍ୱର୍ଗରୁ ଆସି କୁଟିଆ ନିକଟରେ ଭ୍ରମଣ କରୁଥିଲେ। ବିଶ୍ୱାମିତ୍ର ତାଙ୍କ ପ୍ରତି ଆସକ୍ତ ହୋଇ ପତି-ପତ୍ନିର ଆଚରଣ କରିଥିଲେ। ଗୋଟିଏ କନ୍ୟା ସନ୍ତାନ ଜନ୍ମ ହେଲା। ତାର ନାମ ଶକୁନ୍ତଳା ରଖଗଲା । କନ୍ୟାର ଛଅ ମାସ ହେବା ବେଳକୁ ଉର୍ବଶୀ ସ୍ୱର୍ଗକୁ ଚାଲିଗଲେ ଏବଂ କହିଲେ ଯେ ମୋ କାମ ସରିଗଲା। ତୋ'ର କେତେ ସାମର୍ଥ୍ୟ ତାହା ଜାଣିବା ପାଇଁ ଇନ୍ଦ୍ର ମୋତେ ପଠାଇଥିଲେ। ତାହା ଜଣା ପଡ଼ିଗଲା। କୁହାଯାଏ ଯେ ବିଶ୍ୱାମିତ୍ର ସେହି କନ୍ୟାକୁ କନ୍ୱ ରଷିଙ୍କ କୁଟୀର ସମ୍ମୁଖରେ ଛାଡ଼ିଦେଇ ପୁଣି ଘୋର ଜଙ୍ଗଲ ମଧ୍ୟକୁ ଚାଲିଗଲେ। କନ୍ୱ ରଷି ପାଳନ ପୋଷଣ କରି ରାଜା ଦୁଷ୍ମନ୍ତଙ୍କ ସହିତ ଶକୁନ୍ତଳାର ବିବାହ କରାଇଲେ।

➯ ବିଚାର କରନ୍ତୁ :- ପ୍ରଥମେ ସେହି ଘଞ୍ଚ ଜଙ୍ଗଲରେ କଠୋର ତପସ୍ୟା କରି ଫେରିଥିଲେ। ଆସିବା କ୍ଷଣି ବଶିଷ୍ଠଜୀଙ୍କ ପୁତ୍ରମାନଙ୍କୁ ହତ୍ୟା କରିଥିଲେ। ଉର୍ବଶୀ ପ୍ରତି ଆକୃଷ୍ଟ ହୋଇଥିଲେ। ନିଜର ସର୍ବନାଶ କରିଥିଲେ। ସେ ଗୀତା ପଢ଼ିଥିଲେ ବୋଲି କହିବା କି? ଲୋକବେଦ ଅନୁସାରେ ଶାସ୍ତ୍ରବିଧି ରହିତ ମନମୁଖୀ ଆଚରଣ କରିଥିଲେ।

ଅଗସ୍ତ୍ୟ ନାମକ ଜଣେ ରଷିଥିଲେ। ସେ ତପସ୍ୟା କରି ସିଦ୍ଧି ପ୍ରାପ୍ତ କଲେ। ସାତ ସମୁଦ୍ରକୁ ଗୋଟିଏ ଢ଼ୋକରେ ପିଇଦେଇଥିଲେ ପୁଣି ନିଜର ଆତ୍ମବଡ଼ିମା ପାଇଁ ସମୁଦ୍ରକୁ ଜଳପୂର୍ଣ୍ଣ କରିଦେଇଥିଲେ। ଏହା କ'ଣ ମୁକ୍ତି ଅଟେ?

ଏହିଭଳି ରଷିମାନଙ୍କର ନିଜସ୍ୱ ସିଦ୍ଧାନ୍ତକୁ ପୁରାଣ କୁହାଯାଏ। ପୁରାଣରେ ବର୍ଣ୍ଣିତ ଯେଉଁ ଜ୍ଞାନ ବେଦ ଓ ଗୀତା ସହିତ ମେଳ ଖାଉନାହିଁ ତାହା ଲୋକବେଦ ଅଟେ। ତାହାକୁ ପରିତ୍ୟାଗ କରିଦେବା ଉଚିତ୍।

ସେହି ରଷିମାନଙ୍କ ଠାରୁ ପ୍ରାପ୍ତ ହୋଇଥିବା ଲୋକବେଦକୁ ପବିତ୍ର ହିନ୍ଦୁଧର୍ମର ବର୍ତ୍ତମାନର ଧର୍ମପ୍ରଚାରକ, ଗୀତା ଜ୍ଞାନୀ, ଆଚାର୍ଯ୍ୟ ତଥା ଶଙ୍କରାଚାର୍ଯ୍ୟ ଏବଂ ମଣ୍ଡଳେଶ୍ୱରଗଣ ପ୍ରଚାର କରୁଛନ୍ତି ତଥା ହିନ୍ଦୁଧର୍ମର ଅନୁଯାୟୀ ମାନେ ଅର୍ଥାତ୍ ହିନ୍ଦୁମାନେ ସେହି ଶାସ୍ତ୍ରବିରୁଦ୍ଧ ଜ୍ଞାନକୁ ପ୍ରଚାର କରୁଛନ୍ତି। ଯାହାକୁ ଗୀତାରେ ମନମୁଖୀ ଆଚରଣ ବା ବ୍ୟର୍ଥ ସାଧନା ବୋଲି କୁହାଯାଇଛି।

## "ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ଅନ୍ୟ ପରମେଶ୍ୱରଙ୍କ ଶରଣକୁ ଯିବା ପାଇଁ କହିଛନ୍ତି।"

ବର୍ତ୍ତମାନ ସମୟରେ ହିନ୍ଦୁଧର୍ମର ଗୀତାଜ୍ଞାନୀ ଓ ଶଙ୍କରାଚାର୍ଯ୍ୟଙ୍କୁ ଏହା ଜଣା ନାହିଁ ଯେ ଗୀତା ଜ୍ଞାନାଦାତା ଗୀତା ଅଧ୍ୟାୟ ୧୮, ଶ୍ଳୋକ ୬୨ରେ ନିଜଠାରୁ ଭିନ୍ନ ଅନ୍ୟ କେଉଁ ପରମେଶ୍ୱରଙ୍କ ଶରଣକୁ ଯିବା ପାଇଁ କହିଛନ୍ତି। ଏମାନେ କହୁଛନ୍ତି ଯେ ଶ୍ରୀବିଷ୍ଣୁ ଓରଫ ଶ୍ରୀକୃଷ୍ଣ ଅର୍ଥାତ୍ ଗୀତା ଜ୍ଞାନାଦାତାଙ୍କ ଠାରୁ ଭିନ୍ନ କୌଣସି ଭଗବାନ ହିଁ ନାହାଁନ୍ତି।

ବାସ୍ତବିକତା ଏହି ପ୍ରକାରେ ଅଟେ:-

### "ହିନ୍ଦୁ ଭାଇମାନେ ଗୀତା ଜ୍ଞାନକୁ ବୁଝି ପାରିନାହାଁନ୍ତି"

ଗୀତା ଅଧ୍ୟାୟ ୭ ର ଶ୍ଳୋକ ୨୯ରେ ଗୀତା ଜ୍ଞାନଦାତା ଅର୍ଜୁନକୁ କହିଥିଲେ ଯେ "ଯେଉଁ ସାଧକ ଜରା (ବୃଦ୍ଧାବସ୍ଥା) ମରଣ (ମୃତ୍ୟୁ)ରୁ ମୁକ୍ତି (ମୋକ୍ଷ) ଚାହାଁନ୍ତି ସେ ତତ୍ ବ୍ରହ୍ମ, ସମ୍ପୂର୍ଣ୍ଣ ଆଧ୍ୟାତ୍ମିକତାକୁ ଓ ସମସ୍ତ କର୍ମକୁ ଜାଣନ୍ତି।"

ଗୀତା ଅଧ୍ୟାୟ ୮ ର ଶ୍ଳୋକ ୧ରେ ଅର୍ଜୁନ ପ୍ରଶ୍ନ କଲେ ଯେ ଗୀତା ଅଧ୍ୟାୟ ୭ର ଶ୍ଳୋକ ୨୯ରେ ଯେଉଁ ତତ୍ ବ୍ରହ୍ମ ବିଷୟରେ କୁହାଯାଇଛି, ସେ କିଏ ? ଗୀତା ଜ୍ଞାନଦାତା ପ୍ରଭୁ ତାହାର ଉତ୍ତର ଗୀତା ଅଧ୍ୟାୟ ୮ର ଶ୍ଳୋକ ୩ ରେ କହିଛନ୍ତି ଯେ ସେ "ପରମ ଅକ୍ଷର ବ୍ରହ୍ମ" ଅଟନ୍ତି।

ତା'ପରେ ଗୀତା ଜ୍ଞାନଦାତା ପ୍ରଭୁ ଗୀତା ଅଧ୍ୟାୟ ୮ ର ଶ୍ଳୋକ ୫, ୭ ରେ ଅର୍ଜୁନକୁ ନିଜ ଭକ୍ତି କରିବା ପାଇଁ କହୁଛନ୍ତି ତଥା ଏହି ଅଧ୍ୟାୟ ୮ ର ଶ୍ଳୋକ ୮-୯-୧୦ ରେ ନିଜ ଠାରୁ ଭିନ୍ନ ଅନ୍ୟ ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ସଚ୍ଚିଦାନନ୍ଦ ଘନ ବ୍ରହ୍ମଙ୍କୁ ଭକ୍ତି କରିବା ପାଇଁ କହୁଛନ୍ତି। ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯିଏ ମୋର ଭକ୍ତି କରେ, ସେ ମୋତେ ହିଁ ପ୍ରାପ୍ତ କରେ। ପୁଣି ନିଜ ଭକ୍ତିର ମନ୍ତ୍ର ଏକ ଅକ୍ଷର ବିଶିଷ୍ଟ ସେହି ଓମ୍ (ଓଁ) ବୋଲି କହିଛନ୍ତି ତଥା ତତ୍ ବ୍ରହ୍ମ (ପରମ ଅକ୍ଷର ବ୍ରହ୍ମ/ଦିବ୍ୟ ପରମେଶ୍ୱର ସଚ୍ଚିଦାନନ୍ଦ ଘନ ବ୍ରହ୍ମ)ଙ୍କର ତିନ ଅକ୍ଷର ବିଶିଷ୍ଟ "ଓମ୍ (ଓଁ) ତତ୍ ସତ୍" ବୋଲି କହିଛନ୍ତି।

➩ ଗୀତା ଅଧ୍ୟାୟ ୧୮, ଶ୍ଳୋକ ୬୨ ରେ ଗୀତା ଜ୍ଞାନଦାତା କହୁଛନ୍ତି ଯେ ସେହି ପରମ ଅକ୍ଷର ବ୍ରହ୍ମଙ୍କ ଶରଣାପନ୍ନ ହେବା ଦ୍ୱାରା ପରମ ଶାନ୍ତି ଏବଂ (ଶାଶ୍ୱତମ୍ ସ୍ଥାନମ୍) ସନାତନ ପରମ ଧାମ (ଯାହାକୁ ସନ୍ଥ ଗରୀବଦାସଜୀ ସତ୍ୟଲୋକ/ଅମରଲୋକ ବୋଲି କହିଛନ୍ତି।) ପ୍ରାପ୍ତ ହେବ। ଉପରୋକ୍ତ ଜ୍ଞାନକୁ ସନ୍ଥ ରାମପାଲଜୀଙ୍କ ଦ୍ୱାରା କୁହାଯାଇଛି ଏବଂ ଗୀତା ଶାସ୍ତ୍ରରେ ସତସଙ୍ଗ ମାଧ୍ୟମରେ ଭିଡ଼ିଓରେ ଦର୍ଶାଯାଇଛି। ଏହା ଆମମାନଙ୍କୁ ଅର୍ଥାତ୍ ହିନ୍ଦୁମାନଙ୍କୁ ଦେଖାଇଛନ୍ତି ଏବଂ ନିଷ୍କର୍ଷ ବାହାର କରି ବୁଝାଇଛନ୍ତି । ଯାହାକୁ ଆମ ହିନ୍ଦୁ ଧର୍ମ ପ୍ରଚାରକ/ଗୁରୁଜନ/ସାଧକ ଏବଂ ମଣ୍ଡଳେଶ୍ୱରମାନେ ଏପର୍ଯ୍ୟନ୍ତ ବୁଝି ପାରିନଥିଲେ। ଦାସ (ଲେଖକ) ବୁଝିପାରିଛି।

ହିନ୍ଦୁ ଭାଇମାନେ କୃପାକରି ନିମ୍ନୋକ୍ତ ଶ୍ଳୋକର ଫଟୋକପୀ ପଢ଼ନ୍ତୁ :-

(ଗୀତା ଅଧ୍ୟାୟ ୭, ଶ୍ଳୋକ ୨୯ ର ଫଟୋ କପି)

ଜରାମରଣମୋକ୍ଷାୟ, ମାମ୍, ଆଶ୍ରିତ୍ୟ, ଯତନ୍ତି, ଯେ,
ତେ, ବ୍ରହ୍ମ, ତତ୍, ବିଦୁଃ, କୃତ୍ସ୍ନମ୍, ଅଧ୍ୟାତ୍ମମ୍, କର୍ମ, ଚ, ଅଖିଳମ୍ ॥୨୯ ॥

ଏବଂ-

| | | | | | |
|---|---|---|---|---|---|
| ଯେ | = | ଯେଉଁମାନେ | ତତ୍ | = | ସେହି |
| ମାମ୍ | = | ମୋର | ବ୍ରହ୍ମ | = | ବ୍ରହ୍ମକୁ, |
| ଆଶ୍ରିତ୍ୟ | = | ଶରଣ ଗ୍ରହଣ କରି | କୃତ୍ସ୍ନମ୍ | = | ସମ୍ପୂର୍ଣ୍ଣ |
| ଜରାମରଣମୋକ୍ଷାୟ | = | ଜରା ଓ ମରଣରୁ | ଅଧ୍ୟାତ୍ମମ୍ | = | ଅଧ୍ୟାତ୍ମକୁ |
| | | ମୁକ୍ତି ପାଇବା | ଚ | = | ଏବଂ |
| | | ପାଇଁ | ଅଖିଳମ୍ | = | ସମସ୍ତ |
| ଯତନ୍ତି | = | ଯତ୍ନ କରନ୍ତି, | କର୍ମ | = | କର୍ମଗୁଡ଼ିକୁ |
| ତେ | = | ସେମାନେ | ବିଦୁଃ | = | ଜାଣନ୍ତି। |

(ଗୀତା ଅଧ୍ୟାୟ ୮, ଶ୍ଳୋକ ୧ ର ଫଟୋ କପି)

କିମ୍, ତତ୍, ବ୍ରହ୍ମ, କିମ୍, ଅଧ୍ୟାତ୍ମମ୍, କିମ୍, କର୍ମ, ପୁରୁଷୋତ୍ତମ୍, ଅଧିଭୂତମ୍, ଚ, କିମ୍, ପ୍ରୋକ୍ତମ୍, ଅଧିଦୈବମ୍, କିମ୍, ଉଚ୍ୟତେ ॥୧॥

ଭଗବାନଙ୍କର ଏଭଳି ବଚନକୁ ନ ବୁଝିପାରି ଅର୍ଜୁନ ପଚାରିଲେ :-

| | | | | | |
|---|---|---|---|---|---|
| ପୁରୁଷୋତ୍ତମ୍ | = | ହେ ପୁରୁଷୋତ୍ତମ ! | ଅଧିଭୂତମ୍ | = | ଅଧିଭୂତ |
| ତତ୍ | = | ସେହି | | | (ନାମରେ) |
| ବ୍ରହ୍ମ | = | ବ୍ରହ୍ମ | କିମ୍ | = | କ'ଣ |
| କିମ୍ | = | କ'ଣ ? | ପ୍ରୋକ୍ତମ୍ | = | କୁହାଯାଇଛି |
| ଅଧ୍ୟାତ୍ମମ୍ | = | ଅଧ୍ୟାତ୍ମ | ଚ | = | ଏବଂ |
| କିମ୍ | = | କ'ଣ ? | ଅଧିଦୈବମ୍ | = | ଅଧିଦୈବ |
| କର୍ମ | = | କର୍ମ | କିମ୍ | = | କାହାକୁ |
| କିମ୍ | = | କ'ଣ ? | ଉଚ୍ୟତେ | = | କହନ୍ତି ? |

(ଗୀତା ଅଧ୍ୟାୟ ୮, ଶ୍ଳୋକ ୩ ର ଫଟୋ କପି)

ଅକ୍ଷରମ୍, ବ୍ରହ୍ମ, ପରମମ୍, ସ୍ୱଭାବଃ, ଅଧ୍ୟାତ୍ମମ୍, ଉଚ୍ୟତେ,
ଭୂତଭାବୋଭବକରଃ, ବିସର୍ଗଃ, କର୍ମସଞ୍ଜ୍ଞିତଃ ।।୩।।

ଅର୍ଜୁନ ଏଭଳି ପ୍ରଶ୍ନ ପଚାରିବାରୁ ଶ୍ରୀ ଭଗବାନ କହିଲେ, ଅର୍ଜୁନ !-

| | | | |
|---|---|---|---|
| ପରମମ୍ | = ପରମ | ଭୂତଭାବୋଭବକରଃ | = ପ୍ରାଣୀମାନଙ୍କର ଭାବକୁ ଉତ୍ପନ୍ନ କରୁଥିବା (ଯେଉଁ) |
| ଅକ୍ଷରମ୍ | = ଅକ୍ଷର | | |
| ବ୍ରହ୍ମ | = 'ବ୍ରହ୍ମ' ଅଟେ, | | |
| ସ୍ୱଭାବଃ | = ନିଜ ସ୍ୱରୂପ ଅର୍ଥାତ୍ ଜୀବାତ୍ମା | ବିସର୍ଗଃ | = ତ୍ୟାଗ ଅଟେ, (ତାହା) |
| ଅଧ୍ୟାତ୍ମମ୍ | = 'ଅଧ୍ୟାତ୍ମ'(ନାମରେ) | | |
| ଉଚ୍ୟତେ | = କଥିତ ହୁଏ (ତଥା) | କର୍ମସଞ୍ଜ୍ଞିତଃ | = କର୍ମ ନାମରେ କଥିତ ହୁଏ |

(ଗୀତା ଅଧ୍ୟାୟ ୮, ଶ୍ଳୋକ ୫ ର ଫଟୋ କପି)

ଅନ୍ତକାଳେ, ଚ, ମାମ୍, ଏବ, ସ୍ମରନ୍, ମୁକ୍ତ୍ୱା, କଳେବରମ୍,
ଯଃ, ପ୍ରୟାତି, ସଃ, ମଦ୍ଭାବମ୍, ଯାତି, ନ, ଅସ୍ତି, ଅତ୍ର, ସଂଶୟଃ ।। ୫ ।।

ଏବଂ-

| | | | |
|---|---|---|---|
| ଯଃ | = ଯେଉଁ ପୁରୁଷ | ସଃ | = ସେ |
| ଅନ୍ତକାଳେ,ଚ | = ଅନ୍ତକାଳରେ ବି | ମଦ୍ଭାବମ୍ | = ମୋର ସାକ୍ଷାତ୍ ସ୍ୱରୂପକୁ |
| ମାମ୍ | = ମୋତେ | | |
| ଏବ | = ହିଁ | ଯାତି | = ପ୍ରାପ୍ତ ହୁଏ- |
| ସ୍ମରନ୍ | = ସ୍ମରଣ କରି କରି | ଅତ୍ର | = ଏଥିରେ (ତିଳେ ମାତ୍ର) |
| କଳେବରମ୍ | = ଶରୀରକୁ | | |
| ମୁକ୍ତ୍ୱା | = ତ୍ୟାଗ କରି | ସଂଶୟଃ | = ସନ୍ଦେହ |
| ପ୍ରୟାତି | = ଯାଇଥାଏ, | ନ, ଅସ୍ତି | = ନାହିଁ |

(ଗୀତା ଅଧ୍ୟାୟ ୮ ଶ୍ଲୋକ ୭ ର ଫଟୋ କପି)

(ନିରନ୍ତର ଭଗବତ୍‌ଚିନ୍ତନ କରିବା ସହିତ ଯୁଦ୍ଧ କରିବାକୁ ଆଦେଶ ଏବଂ ତାହାର ଫଳ)

ତସ୍ମାତ୍, ସର୍ବେଷୁ, କାଳେଷୁ, ମାମ୍, ଅନୁସ୍ମର, ଯୁଦ୍ଧ, ଚ,
ମୟି, ଅର୍ପିତମନୋବୁଦ୍ଧିଃ, ମାମ୍, ଏବ, ଏଷ୍ୟସି, ଅସଂଶୟମ୍ ॥୭॥

| | | | |
|---|---|---|---|
| ତସ୍ମାତ୍ | = ତେଣୁ (ହେ ଅର୍ଜୁନ !ତୁ) | ମୟି | = ମୋଠାରେ |
| ସର୍ବେଷୁ | = ସବୁ | ଅର୍ପିତମନୋବୁଦ୍ଧିଃ | = ଅର୍ପଣ କରାଯାଇଥିବା ମନ-ବୁଦ୍ଧିରେ ଯୁକ୍ତ ହୋଇ (ତୁ) |
| କାଳେଷୁ | = ସମୟରେ (ନିରନ୍ତର) | | |
| ମାମ୍ | = ମୋତେ | ଅସଂଶୟମ୍ | = ନିଃ ସନ୍ଦେହ |
| ଅନୁସ୍ମର | = ସ୍ମରଣ କର | ମାମ୍ | = ମୋତେ |
| ଚ | = ଏବଂ | | |
| ଯୁଦ୍ଧ | = ଯୁଦ୍ଧ ମଧ୍ୟ କର (ଏହି ପ୍ରକାରେ) | ଏବ | = ହିଁ |
| | | ଏଷ୍ୟସି | = ପ୍ରାପ୍ତ ହେବୁ। |

(ଗୀତା ଅଧ୍ୟାୟ ୮, ଶ୍ଲୋକ ୮ ର ଫଟୋ କପି)

ଅଭ୍ୟାସଯୋଗଯୁକ୍ତେନ, ଚେତସା, ନାନ୍ୟଗାମିନା,
ପରମମ୍, ପୁରୁଷମ୍, ଦିବ୍ୟମ୍, ଯାତି, ପାର୍ଥ, ଅନୁଚିନ୍ତୟନ୍ ॥୮॥

| | | | |
|---|---|---|---|
| ପାର୍ଥ | = ହେ ପାର୍ଥ ! (ନିୟମ ଏହା ଯେ) | ଅନୁଚିନ୍ତୟନ୍ | = ନିରନ୍ତର ଚିନ୍ତନ କରୁଥିବା (ମନୁଷ୍ୟ) |
| ଅଭ୍ୟାସଯୋଗଯୁକ୍ତେନ | = ପରମେଶ୍ୱରଙ୍କ ଧ୍ୟାନର ଅଭ୍ୟାସ ରୂପକ ଯୋଗରେ ଯୁକ୍ତ ହୋଇ | ପରମମ୍ | = ପରମ (ପ୍ରକାଶ ସ୍ୱରୂପ) |
| | | ଦିବ୍ୟମ୍ | = ଦିବ୍ୟ |
| | | ପୁରୁଷମ୍ | = ପୁରୁଷଙ୍କୁ ଅର୍ଥାତ୍ ପରମେଶ୍ୱରଙ୍କୁ (ହିଁ) |
| ନାନ୍ୟଗାମିନା | = ଅନ୍ୟ ଆଡ଼େ ଯାଉ ନଥିବା | | |
| ଚେତସା | = ଚିତ୍ତଦ୍ୱାରା | ଯାତି | = ପ୍ରାପ୍ତ ହୋଇଥାଏ। |

(ଗୀତା ଅଧ୍ୟାୟ ୮, ଶ୍ଲୋକ ୯ ର ଫଟୋ କପି)

କବିମ୍, ପୁରାଣମ୍, ଅନୁଶାସିତାରମ୍, ଅଣୋଃ, ଅଣୀୟାଂସମ୍,
ଅନୁସ୍ମରେତ୍, ୟଃ, ସର୍ବସ୍ୟ, ଧାତାରମ୍, ଅଚିନ୍ତ୍ୟରୂପମ୍, ଆଦିତ୍ୟବର୍ଣ୍ଣମ୍, ତମସଃ, ପରସ୍ତାତ୍ ॥୯॥

| | | | | | |
|---|---|---|---|---|---|
| ୟଃ | = | ଯେଉଁ ପୁରୁଷ | ଅଚିନ୍ତ୍ୟସ୍ୱରୂପମ୍ | = | ଅଚିନ୍ତ୍ୟସ୍ୱରୂପ |
| କବିମ୍ | = | ସର୍ବଜ୍ଞ, | ଆଦିତ୍ୟବର୍ଣ୍ଣମ୍ | = | ସୂର୍ଯ୍ୟ ସଦୃଶ ନିତ୍ୟ ଚେତନ, ପ୍ରକାଶରୂପ(ଏବଂ) |
| ପୁରାଣମ୍ | = | ଅନାଦି, | | | |
| ଅନୁଶାସିତାରମ୍ | = | ସର୍ବ ନିୟନ୍ତା, | | | |
| ଅଣୋଃ,ଅଣୀୟାଂସମ୍ | = | ସୂକ୍ଷ୍ମଠାରୁ ବି ଅତି ସୂକ୍ଷ୍ମ, | ତମସଃ | = | ଅବିଦ୍ୟାଠାରୁ |
| | | | ପରସ୍ତାତ୍ | = | ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଶୁଦ୍ଧ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କୁ |
| ସର୍ବସ୍ୟ | = | ସମସ୍ତଙ୍କର | | | |
| ଧାତାରମ୍ | = | ଧାରଣ-ପୋଷଣ କରୁଥିବା, | ଅନୁସ୍ମରେତ୍ | = | ସ୍ମରଣ କରିଥାଏ- |

(ଗୀତା ଅଧ୍ୟାୟ ୮, ଶ୍ଲୋକ ୧୦ ର ଫଟୋ କପି)

ପ୍ରୟାଣକାଳେ, ମନସା, ଅଚଲେନ, ଭକ୍ତ୍ୟା, ଯୁକ୍ତଃ, ଯୋଗବଲେନ,
ଚ, ଏବ, ଭ୍ରୁବୋଃ, ମଧ୍ୟେ, ପ୍ରାଣମ୍, ଆବେଶ୍ୟ, ସମ୍ୟକ୍, ସଃ, ତମ୍,
ପରମ୍, ପୁରୁଷମ୍, ଉପୈତି, ଦିବ୍ୟମ୍ ॥୧୦॥

| | | | | | |
|---|---|---|---|---|---|
| ସଃ | = | ସେହି | ଅଚଲେନ | = | ନିଶ୍ଚଳ |
| ଭକ୍ତ୍ୟା, ଯୁକ୍ତଃ | = | ଭକ୍ତିଯୁକ୍ତ ପୁରୁଷ | ମନସା | = | ମନ ଦ୍ୱାରା |
| ପ୍ରୟାଣକାଳେ | = | ଅନ୍ତକାଳରେ (ମଧ | (ସ୍ମରନ୍) | = | ସ୍ମରଣ କରି କରି |
| ଯୋଗବଲେନ | = | ଯୋଗବଳରେ | ତମ୍ | = | ସେହି |
| ଭ୍ରୁବୋଃ | = | ଭ୍ରୁଲତାର | ଦିବ୍ୟମ୍ | = | ଦିବ୍ୟରୂପ |
| ମଧ୍ୟେ | = | ମଝିରେ | ପରମ୍ | = | ପରମ |
| ପ୍ରାଣମ୍ | = | ପ୍ରାଣକୁ | ପୁରୁଷମ୍ | = | ପୁରୁଷ ପରମାତ୍ମାଙ୍କୁ |
| ସମ୍ୟକ୍ | = | ଭଲରୂପେ | | | |
| ଆବେଶ୍ୟ | = | ସ୍ଥାପନକରି | ଏବ | = | ହିଁ |
| ଚ | = | ଏବଂ | ଉପୈତି | = | ପ୍ରାପ୍ତ ହୁଏ- |

ଏଥିରୁ ସ୍ପଷ୍ଟ ହେଉଛି ଯେ "ହିନ୍ଦୁ ନହୀଁ ସମଝେ ଗୀତା କା ଜ୍ଞାନ" । [ଇସେ ସମଝେ ସନ୍ଥ ରାମପାଲ ଦାସ ବିଦ୍ୱାନ ।]

➩ ବିଶେଷ :- ହିନ୍ଦୁ ଭାଇମାନେ ! ଯଦି ପାରା ଆଖି ବନ୍ଦ କରିନିଏ ତେବେ ବିଲେଇ ଠାରୁ ବିପଦ ଟଳିଯାଏ ନାହିଁ। ଏହା ହେଉଛି ତାହାର ଭ୍ରମ ।

ସତ୍ୟା ସତ୍ୟକୁ ସ୍ୱଚକ୍ଷୁରେ ଦେଖ୍,ଏହାକୁ ସ୍ୱୀକାର କର। ଆପଣ ଶିକ୍ଷିତ। ୨୧ତମ ଶତାବ୍ଦୀର ସଭ୍ୟ ଏବଂ ଶିକ୍ଷିତ ସମାଜ। ଆଜିର ଭାରତ, ଦୁଇଶହ ବର୍ଷ ପୂର୍ବର ଭାରତ ନୁହେଁ। ସେ ସମୟରେ ଆମ ପୂର୍ବଜମାନେ ଅଶିକ୍ଷିତ ଥିଲେ। ସେମାନେ ଅଜ୍ଞାନୀ ଧର୍ମ ପ୍ରଚାରକ, ମଣ୍ଡଳେଶ୍ୱର, ମନୀଷୀ, ଅଧ୍ୟାପକ, ଶଙ୍କରାଚାର୍ଯ୍ୟଙ୍କୁ ପୂର୍ଣ୍ଣ ବିଦ୍ୱାନ୍ ଏବଂ ଗୀତା ଜ୍ଞାନୀ, ମନୀଷୀ ଭାବେ ସ୍ୱୀକାର କରି ସେମାନଙ୍କ ତଥାକଥିତ ମିଥ୍ୟା ଜ୍ଞାନକୁ ଅନ୍ଧଭାବରେ ବିଶ୍ୱାସ (Blind faith) କଲେ ଏବଂ ଏମାନଙ୍କ ଦ୍ୱାରା ପ୍ରଦତ୍ତ ଶାସ୍ତ୍ରବିଦ୍ଧି ବିରୁଦ୍ଧ ଭକ୍ତି ଅର୍ଥାତ୍ ମନମୁଖୀ ଆଚରଣ କରି ନିଜର ଅମୂଲ୍ୟ ଜୀବନ ନଷ୍ଟ କରିଦେଲେ। ପୂର୍ବଜମାନଙ୍କର ସେହି ପରମ୍ପରାକୁ ଆମେ ଆଖିବନ୍ଦ କରି ଅନୁସରଣ କଲେ। ପବିତ୍ର ସର୍ବ ହିନ୍ଦୁ ସମାଜ ଏହି ତତ୍ତ୍ୱଜ୍ଞାନହୀନମାନଙ୍କ ଦ୍ୱାରା ଆଜି ଭ୍ରମିତ । ଏବେ ଆଖି ଖୋଲନ୍ତୁ। ଆପଣ ଗୀତାକୁ ପୁନର୍ବାର ପଢ଼ନ୍ତୁ। ଆପଣ ଜାଣିପାରିବେ ଯେ, ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୩-୨୪ରେ ସ୍ପଷ୍ଟ ରୂପେ କୁହାଯାଇଛି କି ହେ ଅର୍ଜୁନ !, ଯିଏ ଶାସ୍ତ୍ରବିଧିକୁ ତ୍ୟାଗ କରି ମନମାନା ଆଚରଣ (ଭକ୍ତି) କରେ, ତାକୁ ନା ସୁଖ ମିଳେ, ନା ସିଦ୍ଧି (ଅର୍ଥାତ୍ ଶାସ୍ତ୍ର ଅନୁକୂଳ ସାଧନାରୁ ମିଳୁଥିବା ସିଦ୍ଧି) ପ୍ରାପ୍ତ ହୁଏ, ନା ତାର ଗତି (ମୋକ୍ଷ) ହୋଇଥାଏ।

❖ ବିଚାର କରନ୍ତୁ ହିନ୍ଦୁଭାଇମାନେ ! ଭକ୍ତି କେବଳ ଏହି ତିନିଟି କାରଣ ପାଇଁ କରାଯାଏ। ୧. ଜୀବନରେ ଶାନ୍ତି ଓ ସୁଖ ମିଳୁ। ୨. କାର୍ଯ୍ୟ ସିଦ୍ଧି ହେଉ, କୌଣସି ଆପତ୍ତି ନଆସୁ। ୩. ମୋକ୍ଷ ମିଳୁ। ଶାସ୍ତ୍ରରେ ବର୍ଣ୍ଣିତ ନଥିବା ସାଧନା ଓ ଭକ୍ତି କଲେ ଏହି ତିନିଟି ଉଦ୍ଦେଶ୍ୟ ପୂରଣ ହେବ ନାହିଁ। ତେଣୁ ଗୀତାରେ ଯାହା କରିବାକୁ ମନା କରାଯାଇଛି, ତାହା କରିବା ଅନୁଚିତ। ଗୀତା ଅଧ୍ୟାୟ ୧୬ର ଶ୍ଳୋକ ୨୪ରେ ସ୍ପଷ୍ଟ ରୂପରେ ଏହା କୁହାଯାଇଛି। କହିଛନ୍ତି କି :-

ଗୀତା ଅଧ୍ୟାୟ ୧୬ ଶ୍ଳୋକ ୨୪ :- ହେ ଅର୍ଜୁନ ! ତୋ ପାଇଁ କର୍ତ୍ତବ୍ୟ (ଯେଉଁ ସାଧନା କରିବା ଉଚିତ୍) ତଥା ଅକର୍ତ୍ତବ୍ୟ (ଯେଉଁ ସାଧନା କରିବା ଉଚିତ୍ ନୁହେଁ) ନିର୍ଣ୍ଣୟରେ ଶାସ୍ତ୍ରରେ ହିଁ ପ୍ରମାଣ ।

❖ ଆଜିର ହିନ୍ଦୁ ଧର୍ମଗୁରୁ, ପ୍ରଚାରକ, ଶଙ୍କରାଚାର୍ଯ୍ୟ ଏବଂ ଗୀତା ଜ୍ଞାନୀମାନେ, ଗୀତାଜ୍ଞାନୀ ଦାତାଙ୍କୁ (ଯାହାଙ୍କୁ ସେମାନେ ଶ୍ରୀ ବିଷ୍ଣୁଙ୍କ ଅବତାର ଶ୍ରୀକୃଷ୍ଣଙ୍କ ସହ ତୁଳନା କରନ୍ତି) ଅବିନାଶୀ କହିଥାନ୍ତି। ତାଙ୍କର ଜନ୍ମ ଏବଂ ମୃତ୍ୟୁ ହୁଏ ନାହିଁ ବୋଲି କହିଥାନ୍ତି। ତାଙ୍କର କେହି ମାତା-ପିତା ନାହାଁନ୍ତି ବୋଲି କହିଥାନ୍ତି ଯାହାକି ସମ୍ପୂର୍ଣ୍ଣ ମିଥ୍ୟା।

ଆପଣମାନେ ସ୍ୱୟଂ ଦେଖନ୍ତୁ ଗୀତା ଅଧ୍ୟାୟ ୨, ଶ୍ଳୋକ ୧୨, ଗୀତା ଅଧ୍ୟାୟ ୪, ଶ୍ଳୋକ ୫, ଗୀତା ଅଧ୍ୟାୟ ୧୦, ଶ୍ଳୋକ ୨ ରେ ଗୀତା ଜ୍ଞାନଦାତା କହିଛନ୍ତି :- "ହେ ଅର୍ଜୁନ ! ତୋର ଏବଂ ମୋର ଅନେକ ଜନ୍ମ ହୋଇସାରିଛି, ତୁ ଜାଣି ନାହୁଁ, କିନ୍ତୁ ମୁଁ ଜାଣିଛି।" (ଗୀତା ଅଧ୍ୟାୟ ୪, ଶ୍ଳୋକ ୫).

"ହେ ଅର୍ଜୁନ, ଏପରି ନୁହେଁ ଯେ ମୁଁ, ତୁମେ ଏବଂ ଏହି ସମସ୍ତ ସୈନିକମାନେ ପୂର୍ବରୁ ନଥିଲେ କିମ୍ବା ଆଗକୁ ମଧ୍ୟ ଜନ୍ମ ହେବେ ନାହିଁ।" ଅର୍ଥାତ୍ ମୁଁ (ଗୀତା ଜ୍ଞାନଦାତା) ତୁ (ଅର୍ଜୁନ) ତଥା ସମସ୍ତ ସୈନିକ ଆଦି ପୂର୍ବରୁ ଜନ୍ମଗ୍ରହଣ କରିଥିଲେ, ଭବିଷ୍ୟତରେ ମଧ୍ୟ ଜନ୍ମ ହେବେ। (ଅଧ୍ୟାୟ ୨, ଶ୍ଳୋକ ୧୨)

ମୋର ଉତ୍ପତ୍ତିକୁ ନା ଋଷିଗଣ ଜାଣନ୍ତି, ନା ସିଦ୍ଧିଗଣ ଏବଂ ନା ଦେବତାମାନେ ଜାଣନ୍ତି ।

କାହିଁକିନା ମୁଁ ସମସ୍ତଙ୍କର ଆଦି କାରଣ ଏବଂ (ଉତ୍ପତ୍ତିକର୍ତ୍ତା) ଅଟେ। (ଗୀତା ଅଧ୍ୟାୟ ୧୦ ଶ୍ଳୋକ ୨)

❖ ହିନ୍ଦୁ ଭାଇମାନେ ଦୟାକରି ପଢ଼ନ୍ତୁ ଶ୍ରୀମଦ୍ଭଗବତ୍ ଗୀତା ପଦଚ୍ଛେଦ ଅନ୍ୱୟର ଉପରୋକ୍ତ ଶ୍ଳୋକ ଅର୍ଥାତ୍ ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୪, ଗୀତା ଅଧ୍ୟାୟ ୪, ଶ୍ଳୋକ ୫, ଗୀତା ଅଧ୍ୟାୟ ୨, ଶ୍ଳୋକ ୧୨, ଗୀତା ଅଧ୍ୟାୟ ୧୦, ଶ୍ଳୋକ ୨ ଯାହାକି ଗୀତା ପ୍ରେସ୍ ଗୋରଖପୁର ଦ୍ୱାରା ମୁଦ୍ରିତ ହୋଇଛି ତଥା ଶ୍ରୀ ଜୟଦୟାଲ ଗୋୟନ୍ଦକା ଦ୍ୱାରା ଅନୁବାଦିତ ହୋଇଛି :-

(ଗୀତା ଅଧ୍ୟାୟ ୧୬, ଶ୍ଳୋକ ୨୪ ର ଫଟୋକପୀ)

ତସ୍ମାତ୍, ଶାସ୍ତ୍ରମ୍, ପ୍ରମାଣମ୍, ତେ, କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ,
ଜ୍ଞାତ୍ୱା, ଶାସ୍ତ୍ରବିଧାନୋକ୍ତମ୍, କର୍ମ, କର୍ତ୍ତୁମ୍, ଇହ, ଅର୍ହସି ॥୨୪॥

| | | | | | |
|---|---|---|---|---|---|
| ତସ୍ମାତ୍ | = | ଏଥିରୁ | (ଏବମ୍) | = | ଏପରି |
| ତେ | = | ତୋ ପାଇଁ | ଜ୍ଞାତ୍ୱା | = | ଜାଣି (ତୁ) |
| ଇହ | = | ଏହି | ଶାସ୍ତ୍ରବିଧାନୋକ୍ତମ୍ | = | ଶାସ୍ତ୍ରବିଧି ଦ୍ୱାରା ନିୟତ |
| କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ | = | କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ବ୍ୟବସ୍ଥାରେ | କର୍ମ | = | କର୍ମ (ହିଁ) |
| ଶାସ୍ତ୍ରମ୍ | = | ଶାସ୍ତ୍ର(ହିଁ) | କର୍ତ୍ତୁମ୍ | = | କରିବା |
| ପ୍ରମାଣମ୍ | = | ପ୍ରମାଣ ଅଟେ। | ଅର୍ହସି | = | ଉଚିତ୍ । |

(ଗୀତା ଅଧ୍ୟାୟ ୨, ଶ୍ଳୋକ ୧୨ ର ଫଟୋକପୀ)

ନ, ତୁ, ଏବ, ଅହମ୍, ଜାତୁ, ନ, ଆସମ୍, ନ, ତ୍ୱମ୍, ନ, ଇମେ, ଜନାଧିପାଃ,
ନ, ଚ, ଏବ, ନ, ଭବିଷ୍ୟାମଃ, ସର୍ବେ, ବୟମ୍, ଅତଃ, ପରମ୍, ॥୧୨॥

| | | | | | |
|---|---|---|---|---|---|
| ନ | = | ନା | ଜନାଧିପାଃ | = | ରାଜାମାନେ |
| ତୁ | = | ତ | ନ | = | ନ |
| (ଏବମ୍) | = | ଏପରି | (ଆସନ୍) | = | ଥିଲେ |
| ଏବ | = | ହିଁ(ଯେ) | ଚ ନ | = | ଏବଂ ନା |
| ଅହମ୍ | = | ମୁଁ | ଏବମ୍ | = | ଏପରି |
| ଜାତୁ | = | କୌଣସି କାଳରେ | ଏବ | = | ହିଁ (ଅଟେ ଯେ) |
| ନ | = | ନ | ଅତଃ | = | ଏହା |
| ଆସମ୍ | = | ଥିଲି (ଅଥବା) | ପରମ୍ | = | ଆଗକୁ |
| ତ୍ୱମ୍ | = | ତୁ | ବୟମ୍ | = | ଆମ୍ଭେ |
| ନ | = | ନ | ସର୍ବେ | = | ସମସ୍ତେ |
| (ଆସୀଃ) | = | ଥିଲୁ (ଅଥବା) | ଭବିଷ୍ୟାମଃ | = | ରହିବା |
| ଇମେ | = | ଏହି | ନ | = | ନାହିଁ। |

(ଗୀତା ଅଧ୍ୟାୟ ୪ର ଶ୍ଳୋକ ୫ ର ଫଟୋକପୀ)

ବହୂନି, ମେ, ବ୍ୟତୀତାନି, ଜନ୍ମାନି, ତବ,ଚ, ଅର୍ଜୁନ,
ତାନି, ଅହମ୍, ବେଦ, ସର୍ବାଣି, ନ, ତ୍ୱମ୍, ୱେତ୍ଥ, ପରନ୍ତପ ॥୫॥
ଏହି ପରିପ୍ରେକ୍ଷୀରେ ଶ୍ରୀଭଗବାନ କହିଲେ -

| | | | | | |
|---|---|---|---|---|---|
| ପରନ୍ତପ | = | ହେ ପରନ୍ତପ | ତାନି | = | ସେ |
| ଅର୍ଜୁନ | = | ଅର୍ଜୁନ ! | ସର୍ବାଣି | = | ସବୁକୁ |
| ମେ | = | ମୋର | ତ୍ୱମ୍ | = | ତୁ |
| ଚ | = | ଏବଂ | ବେତ୍ଥ | = | ଜାଣି |
| ତବ | = | ତୋର | | | |
| ବହୂନି | = | ବହୁତ | ନ | = | ନାହୁଁ, |
| ଜନ୍ମାନି | = | ଜନ୍ମ | ଅହମ୍ | = | ମୁଁ |
| ବ୍ୟତୀତାନି | = | ହୋଇସାରିଛି | ବେଦ | = | ଜାଣିଛି । |

(ଗୀତା ଅଧ୍ୟାୟ ୧୦, ଶ୍ଳୋକ ୨ ର ଫଟୋକପୀ)

ନ, ମେ, ବିଦୁଃ, ସୁରଗଣାଃ, ପ୍ରଭବମ୍, ନ, ମହର୍ଷୟଃ,
ଅହମ୍, ଆଦିଃ, ହି, ଦେବାନାମ୍, ମହର୍ଷୀଣାମ୍, ଚ, ସର୍ବଶଃ ॥୨॥
ହେ ଅର୍ଜୁନ !-

| | | | | | |
|---|---|---|---|---|---|
| ମେ | = | ମୋର | ମହର୍ଷୟଃ | = | ମହର୍ଷି ମାନେ |
| ପ୍ରଭବମ୍ | = | ଉତ୍ପତ୍ତିକୁ ଅର୍ଥାତ୍ ଲୀଳାରେ ପ୍ରକଟ ହେଉଥିବା ରହସ୍ୟକୁ | ବିଦୁଃ | = | ଜାଣିଛନ୍ତି; |
| | | | ହି | = | କାରଣ |
| | | | ଅହମ୍ | = | ମୁଁ |
| | | | ସର୍ବଶଃ | = | ସବୁ ପ୍ରକାରେ |
| ନ | = | ନା | ଦେବାନାମ୍ | = | ଦେବତାମାନଙ୍କର |
| ସୁରଗଣାଃ | = | ଦେବତାମାନେ ଜାଣିଛନ୍ତି | ଚ | = | ଓ |
| | | | ମହର୍ଷିଣାମ୍ | = | ମହର୍ଷିମାନଙ୍କର (ମଧ୍ୟ) |
| ନ | = | ନା | ଆଦିଃ | = | ଆଦି କାରଣ ଅଟେ । |

ପାଠକବୃନ୍ଦ ବିଚାର କରନ୍ତୁ ! ଯାହାର ଜନ୍ମ ଏବଂ ମୃତ୍ୟୁ ହୁଏ, ସେ ଅବିନାଶୀ ନୁହନ୍ତିଁ, ନାଶବାନ ଅଟନ୍ତି । ନାଶବାନ ସମର୍ଥ ନୁହଁନ୍ତି ।

ପ୍ରଶ୍ନ :- ଯଦି ଗୀତା ଜ୍ଞାନଦାତା (ଶ୍ରୀ ବିଷ୍ଣୁ ଓରଫ୍ ଶ୍ରୀ କୃଷ୍ଣଜୀ)ଙ୍କ ଜନ୍ମ ଓ ମୃତ୍ୟୁ ହେଉଛି ଅର୍ଥାତ୍ ଯଦି ସେ ନାଶବାନ, ତାହାଲେ କେଉଁ ପ୍ରଭୁ ହେଉଛନ୍ତି ଅବିନାଶୀ ଅର୍ଥାତ୍ ଜନ୍ମ-ମରଣ ରହିତ, ଯିଏ ଗୀତା ଜ୍ଞାନଦାତାଙ୍କ ଠାରୁ ଭିନ୍ନ ?

ଉତ୍ତର : ଏହି ପ୍ରଶ୍ନର ଉତ୍ତର ଗୀତା ଅଧ୍ୟାୟ ୨, ଶ୍ଳୋକ ୧୭, ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬-୧୭ ରେ ତଥା ଗୀତା ଅଧ୍ୟାୟ ୧୮, ଶ୍ଳୋକ ୪୬, ୬୧ ଓ ୬୨ରେ ଅଛି।

ଗୀତା ଅଧ୍ୟାୟ ୨, ଶ୍ଳୋକ ୧୭ :- (ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ଅନ୍ୟ ପରମେଶ୍ୱରଙ୍କ ମହିମା ଗାନ କରିଛନ୍ତି।) ଯାହାଙ୍କ ଠାରୁ ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ ହୋଇଛି ତାଙ୍କୁ ଅବିନାଶୀ ବୋଲି ଜାଣ । ସେହି ଅବିନାଶୀଙ୍କୁ ବିନାଶ କରିବା ପାଇଁ କାହାର ସାମର୍ଥ୍ୟ ନାହିଁ। {ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୧୮, ଶ୍ଳୋକ ୪୬ରେ ମଧ୍ୟ ନିଜ ଠାରୁ ଭିନ୍ନ ଅନ୍ୟ ପରମେଶ୍ୱରଙ୍କର ମହିମା ଗାନ କରିଛନ୍ତି।}

❖ ଗୀତା ଅଧ୍ୟାୟ ୧୮, ଶ୍ଳୋକ ୪୬ :- ଯେଉଁ ପରମେଶ୍ୱରଙ୍କ ଠାରୁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୋଇଛନ୍ତି (ଏବଂ) ଯାହାଙ୍କ ଠାରୁ ସମସ୍ତ ସୃଷ୍ଟି ବ୍ୟାପ୍ତ ହୋଇଛି, ସ୍ୱାଭାବିକ କର୍ମ ମାଧ୍ୟମରେ ତାଙ୍କର ପୂଜା କରି ମନୁଷ୍ୟ ପରମ ସିଦ୍ଧିକୁ ପ୍ରାପ୍ତ କରିପାରିବ।

❖ ଗୀତା ଅଧ୍ୟାୟ ୧୮, ଶ୍ଳୋକ ୬୧ :- (ଗୀତା ଜ୍ଞାନଦାତା ନିଜଠାରୁ ଭିନ୍ନ ଅନ୍ୟ ପରମେଶ୍ୱରଙ୍କର ମହିମା ବିଷୟରେ କହିଛନ୍ତି।)

ହେ ଅର୍ଜୁନ ! ଶରୀର ରୂପକ ଯନ୍ତ୍ରରେ ଆରୂଢ଼ ହୋଇଥିବା ସମସ୍ତ ପ୍ରାଣୀଙ୍କୁ ପରମେଶ୍ୱର ନିଜର ମାୟା ଦ୍ୱାରା (ସେମାନଙ୍କ କର୍ମାନୁସାରେ) ଭ୍ରମଣ କରାଇ ସମସ୍ତ ପ୍ରାଣୀଙ୍କର ହୃଦୟରେ ନିବାସ କରନ୍ତି।

❖ ଗୀତା ଅଧ୍ୟାୟ ୧୮, ଶ୍ଳୋକ ୬୨:- {ଏହି ଶ୍ଳୋକରେ ଗୀତା ଜ୍ଞାନଦାତା, ଅର୍ଜୁନଙ୍କୁ ଉପରେ ବର୍ଣ୍ଣିତ ନିଜ ଠାରୁ ଭିନ୍ନ ଅନ୍ୟ ପରମେଶ୍ୱରଙ୍କ ଶରଣକୁ ସର୍ବ ଭାବରେ ଯିବାକୁ କହିଛନ୍ତି।}

ହେ ଭାରତ ! ତୁମେ ସମ୍ପୂର୍ଣ୍ଣ ଭାବରେ ସେହି ପରମେଶ୍ୱରଙ୍କ ଶରଣକୁ ଚାଲିଯାଅ। ସେହି ପରମାତ୍ମାଙ୍କର କୃପାରୁ (ହିଁ ତୁମେ) ପରମ ଶାନ୍ତିକୁ (ତଥା) ସନାତନ ପରମ ଧାମ ଅର୍ଥାତ୍ ସତ୍ୟଲୋକ (ଅମର ସ୍ଥାନ)କୁ ପ୍ରାପ୍ତ ହୋଇଯିବ।

**"ଗୀତା ଜ୍ଞାନଦାତାଙ୍କ ଠାରୁ ଭିନ୍ନ ଏବଂ ଅବିନାଶୀ ତଥା ସମସ୍ତଙ୍କର ଧାରଣ-ପୋଷଣକାରୀ ପରମେଶ୍ୱରଙ୍କର ପ୍ରମାଣ କେବଳ ସେହି ପରମାତ୍ମା ଅଟନ୍ତି, ଏହାର ପ୍ରମାଣ":-**

❖ ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬-୧୭ ରେ :-

ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୬ ରେ କୁହାଯାଇଛି ଯେ, ଏହି ସଂସାରରେ ଦୁଇଟି ପୁରୁଷ (ପ୍ରଭୁ) ଅଛନ୍ତି। ଜଣେ ହେଉଛନ୍ତି କ୍ଷର ପୁରୁଷ (ବ୍ରହ୍ମ)ଏବଂ ଅନ୍ୟଜଣେ ହେଲେ ଅକ୍ଷର ପୁରୁଷ (ପରବ୍ରହ୍ମ)। ଏମାନେ ଦୁଇଜଣ ଏବଂ ଏମାନଙ୍କ ଅନ୍ତର୍ଗତ ସମସ୍ତ ପ୍ରାଣୀ ନାଶବାନ ଅଟନ୍ତି।

ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ରେ ଗୀତା ଜ୍ଞାନଦାତା ସ୍ପଷ୍ଟ କରିଛନ୍ତି କି :-

ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ :- ଉତ୍ତମ ପୁରୁଷ ଅର୍ଥାତ୍ ଶ୍ରେଷ୍ଠ ପରମେଶ୍ୱର ତ ଉପରୋକ୍ତ କ୍ଷର ଏବଂ ଅକ୍ଷର ପୁରୁଷଙ୍କ ଠାରୁ ଭିନ୍ନ ଅଟନ୍ତି ଯାହାଙ୍କୁ ପରମାତ୍ମା କୁହାଯାଏ। ଯିଏ ତିନିଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣ-ପୋଷଣ କରନ୍ତି ଏବଂ ସେ ହିଁ ଅବିନାଶୀ ପରମେଶ୍ୱର।

❖ ହିନ୍ଦୁ ଭାଇମାନେ ! ଦୟାକରି ପ୍ରମାଣ ପାଇଁ ନିମ୍ନରେ ଦିଆଯାଇଥିବା ଶ୍ଳୋକର ଫଟୋକପି ପଢ଼ନ୍ତୁ, ଯାହା ଗୀତା ପ୍ରେସ୍ ଗୋରଖପୁରରୁ ପ୍ରକାଶିତ ଏବଂ ଶ୍ରୀ ଜୟଦୟାଲ ଗୋୟନ୍ଦକାଙ୍କ ଦ୍ୱାରା ଅନୁବାଦିତ 'ଶ୍ରୀମଭଗବତ୍ ଗୀତା ପଦଚ୍ଛେଦ, ଅନ୍ୱୟରୁ ନିଆଯାଇଛି :-

(ଗୀତା ଅଧ୍ୟାୟ ୨, ଶ୍ଳୋକ ୧୭ ର ଫଟୋ କପି)

ଅବିନାଶି, ତୁ, ତତ୍, ବିଦ୍ଧି, ଯେନ୍, ସର୍ବମ୍, ଇଦମ୍, ତତମ୍,
ବିନାଶମ୍, ଅବ୍ୟୟସ୍ୟ, ଅସ୍ୟ, ନ, କଶ୍ଚିତ୍, କର୍ତୁମ୍, ଅର୍ହତି ।।୧୭।।

ଏହି ନ୍ୟାୟ ଅନୁସାରେ-

| | | | | | |
|---|---|---|---|---|---|
| ଅବିନାଶି | = | ଅବିନାଶୀ | ତତମ୍ | = | ବ୍ୟାପ୍ତ ହୋଇଛି |
| ତୁ | = | ତ (ତୁ) | ଅସ୍ୟ | = | ଏହି |
| ତତ୍ | = | ତାଙ୍କୁ | ଅବ୍ୟୟସ୍ୟ | = | ଅବିନାଶୀଙ୍କୁ |
| ବିଦ୍ଧି | = | ଜାଣ | ବିନାଶମ୍ | = | ବିନାଶ |
| ଯେନ | = | ଯାହାଙ୍କଠାରୁ | | | |
| ଇଦମ୍ | = | ଏହି | କର୍ତୁମ୍ | = | କରିବାକୁ |
| ସର୍ବମ୍ | = | ସମ୍ପୂର୍ଣ୍ଣଜଗତ (ଦୃଶ୍ୟବାନ) | କଶ୍ଚିତ୍ | = | କେହି ବି |
| | | | ନ, ଅର୍ହତି | = | ସମର୍ଥ ନୁହେଁ। |

(ଗୀତା ଅଧ୍ୟାୟ ୧୮, ଶ୍ଳୋକ ୪୬ ର ଫଟୋ କପି)

ଯତଃ, ପ୍ରବୃତ୍ତିଃ, ଭୂତାନାମ୍, ଯେନ୍, ସର୍ବମ୍, ଇଦମ୍, ତତମ୍,
ସ୍ୱକର୍ମଣା, ତମ୍, ଅଭ୍ୟର୍ଚ୍ୟ, ସିଦ୍ଧିମ୍, ବିନ୍ଦତି, ମାନବଃ ।।୪୬।।

| | | | | | |
|---|---|---|---|---|---|
| ଯତଃ | = | ଯେଉଁ ପରମେଶ୍ୱରଙ୍କ ଠାରୁ | ତତମ୍ | = | ପରିବ୍ୟାପ୍ତ ହୋଇଛି। |
| | | | ତମ୍ | = | ସେହି ପରମେଶ୍ୱରଙ୍କୁ |
| ଭୁତାନାମ୍ | = | ସମସ୍ତ ପ୍ରାଣୀଙ୍କର | ସର୍ବକର୍ମଣା | = | ନିଜର ସ୍ୱାଭାବିକ କର୍ମମାନଙ୍କ ଦ୍ୱାରା |
| ପ୍ରବୃତ୍ତିଃ | = | ଉତ୍ପତ୍ତି ହୋଇଛି (ଏବଂ) | ଅଭ୍ୟର୍ଚ୍ୟ | = | ପୂଜା କରି |
| ଯେନ | = | ଯାହାଙ୍କ ଦ୍ୱାରା | ମାନବଃ | = | ମଣିଷ |
| ଇଦମ୍ | = | ଏହି | ସିଦ୍ଧମ୍ | = | ଶ୍ରେଷ୍ଠ ସିଦ୍ଧିକୁ |
| ସର୍ବମ୍ | = | ସମସ୍ତ (ଜଗତ) | ବିନ୍ଦତି | = | ପାଇଯାଇଥାଏ। |

(ଗୀତା ଅଧ୍ୟାୟ ୧୮ ଶ୍ଲୋକ ୬୧ ର ଫଟୋ କପି)

ଈଶ୍ୱରଃ, ସର୍ବଭୂତାନାମ୍, ହୃଦ୍ଦେଶେ, ଅର୍ଜୁନ, ତିଷ୍ଠତି,
ଭ୍ରାମୟନ, ସର୍ବଭୂତାନି, ଯନ୍ତ୍ରାରୂଢ଼ାନି, ମାୟୟା ।।୬୧।।

କାରଣ-

| | | | | | |
|---|---|---|---|---|---|
| ଅର୍ଜୁନ | = | ହେ ଅର୍ଜୁନ ! | ମାୟୟା | = | ନିଜ ମାୟା ଦ୍ୱାରା (ସେମାନଙ୍କର କର୍ମାନୁସାରେ) |
| ଯନ୍ତ୍ରରୂଢ଼ାନି | = | ଶରୀର ରୂପକ ଯନ୍ତ୍ରରେ ଆରୂଢ଼ ହୋଇଥିବା | ଭ୍ରାମୟନ୍ | = | ଚାଳିତ କରାଇ |
| ସର୍ବଭୂତାନି | = | ସମସ୍ତ ପ୍ରାଣୀଙ୍କୁ | ସର୍ବଭୂତାନାମ୍ | = | ସମସ୍ତ ପ୍ରାଣୀଙ୍କ |
| ଈଶ୍ୱରଃ | = | ଅନ୍ତର୍ଯାମୀ ପରମେଶ୍ୱର | ହୃଦ୍ଦେଶେ | = | ହୃଦୟରେ |
| | | | ତିଷ୍ଠତି | = | ନିବାସ କରନ୍ତି । |

(ଗୀତା ଅଧ୍ୟାୟ ୧୮, ଶ୍ଲୋକ ୬୨ ର ଫଟୋକପି)

ତମ୍,ଏବ, ଶରଣମ୍, ଗଚ୍ଛ, ସର୍ବଭାବେନ, ଭାରତ, .
ତତ୍‌ପ୍ରସାଦାତ୍, ପରାମ୍, ଶାନ୍ତିମ୍, ସ୍ଥାନମ୍, ପ୍ରାପ୍ସ୍ୟସି, ଶାଶ୍ୱତମ୍ ।।୬୨।।

| | | | | | |
|---|---|---|---|---|---|
| ଭାରତ | = | ହେ ଭାରତ !(ତୁ) | | | କୃପାରୁ(ହିଁ ତୁ) |
| ସର୍ବଭାବେନ | = | ସର୍ବତୋଭାବେ | ପରାମ୍ | = | ପରମ |
| ତମ୍ | = | ସେହି ପରମେଶ୍ୱରଙ୍କ | ଶାନ୍ତମ୍ | = | ଶାନ୍ତିକୁ (ତଥା) |
| ଏବ | = | ହିଁ | | | |
| ଶରଣମ୍ | = | ଶରଣକୁ* | ଶାଶ୍ୱତମ୍ | = | ସନାତନ |
| ଗଚ୍ଛ | = | ଯାଅ | ସ୍ଥାନମ୍ | = | ପରମଧାମକୁ |
| ତତ୍‌ପ୍ରସାଦାତ୍ | = | ସେହି ପରମାତ୍ମାଙ୍କ | ପ୍ରାପ୍ସ୍ୟସି | = | ପ୍ରାପ୍ତ ହେବୁ । |

(ଗୀତା ଅଧ୍ୟାୟ ୧୫, ଶ୍ଲୋକ ୧୬ ର ଫଟୋକପି)

ଦ୍ୱୌ, ଇମୌ, ପୁରୁଷୌ, ଲୋକେ, କ୍ଷରଃ, ଚ, ଅକ୍ଷରଃ, ଏବ,
ଚ, କ୍ଷରଃ, ସର୍ବାଣି, ଭୂତାନି, କୂଟସ୍ଥଃ, ଅକ୍ଷରଃ, ଉଚ୍ୟତେ ॥୧୬॥
ତଥା ହେ ଅର୍ଜୁନ !-

| | | | | | |
|---|---|---|---|---|---|
| ଲୋକେ | = | ଏହି ସଂସାରରେ | ସର୍ବାଣି | = | ସକଳ |
| କ୍ଷରଃ | = | ନାଶବାନ୍ | ଭୂତାନି | = | ଭୂତ ପ୍ରାଣୀ- ମାନଙ୍କର ଶରୀର (ତ) |
| ଚ | = | ଏବଂ | | | |
| ଅକ୍ଷରଃ | = | ଅବିନାଶୀ | କ୍ଷରଃ | = | ନାଶବାନ୍ |
| ଇମୌ ଏବ | = | ଏପରି ମଧ୍ୟ | ଚ | = | ଏବଂ |
| ଦ୍ୱୌ | = | ଦୁଇ ପ୍ରକାରର* | କୂଟସ୍ଥଃ | = | ଜୀବାତ୍ମା |
| ପୁରୁଷୌ | = | ପୁରୁଷ ଅଛନ୍ତି। (ଏମାନଙ୍କ ମଧ୍ୟରୁ ) | ଅକ୍ଷରଃ | = | ଅବିନାଶୀ (ବୋଲି) |
| | | | ଉଚ୍ୟତେ | = | କୁହାଯାଏ । |

(ଗୀତା ଅଧ୍ୟାୟ ୧୫, ଶ୍ଲୋକ ୧୭ ର ଫଟୋ କପି)

ଉତ୍ତମଃ, ପୁରୁଷଃ, ତୁ, ଅନ୍ୟଃ, ପରମାତ୍ମା, ଇତି, ଉଦାହୃତଃ,
ଯଃ,ଲୋକତ୍ରୟମ୍, ଆବିଶ୍ୟ, ବିଭର୍ତି, ଅବ୍ୟୟଃ, ଈଶ୍ୱରଃ ॥୧୭॥
ତଥା ଏ ଦୁହିଁଙ୍କ ଠାରୁ -

| | | | | | |
|---|---|---|---|---|---|
| ଉତ୍ତମଃ | = | ଉତ୍ତମ | ବିଭର୍ତି | = | ସମସ୍ତଙ୍କର ଧାରଣ ପୋଷଣ କରନ୍ତି (ଏବଂ) |
| ପୁରୁଷଃ ତୁ | = | ପୁରୁଷ ତ | | | |
| ଅନ୍ୟଃ | = | ଅନ୍ୟଜଣେ ଅଟନ୍ତି | ଅବ୍ୟୟଃ | = | ଅବିନାଶୀ |
| ଯଃ | = | ଯିଏ କି | ଈଶ୍ୱରଃ | = | ପରମେଶ୍ୱର(ଏବଂ) |
| | | | ପରମାତ୍ମା | = | ପରମାତ୍ମା (ବୋଲି) |
| ଲୋକତ୍ରୟମ୍ | = | ତିନିଲୋକରେ | ଇତି | = | ଏହିଭଳି |
| ଆବିଶ୍ୟ | = | ପ୍ରବେଶ କରି | ଉଦାହୃତ | = | କଥିତ ହୁଅନ୍ତି। |

➢ ଭ୍ରମ ନିବାରଣ :- ଗୀତା ଅଧ୍ୟାୟ ୧୫, ଶ୍ଲୋକ ୧୮ରେ ଗୀତା ଜ୍ଞାନଦାତା କହିଛନ୍ତି ଯେ, ମୁଁ ଲୋକବେଦ (ପ୍ରଚଳିତ ଗଳ୍ପକଥା) ଅନୁସାରେ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ, କାରଣ ମୁଁ ମୋର ଅନ୍ତର୍ଗତ ସମସ୍ତ ପ୍ରାଣୀମାନଙ୍କ ଠାରୁ ଉତ୍ତମ ଅଟେ।

➢ ବିଚାର କରନ୍ତୁ :- ଗୀତା ଜ୍ଞାନଦାତା ଗୀତା ଅଧ୍ୟାୟ ୮, ଶ୍ଲୋକ ୩ ରେ ପରମ ଅକ୍ଷର ବ୍ରହ୍ମଙ୍କୁ (ପୁରୁଷଙ୍କୁ) ନିଜଠାରୁ ଭିନ୍ନ କହିଛନ୍ତି। ଶ୍ଲୋକ ୫-୭ ରେ ନିଜ (ଗୀତା ଜ୍ଞାନଦାତାଙ୍କର) ଭକ୍ତି କରିବା ପାଇଁ କହିଛନ୍ତି ଏବଂ

ଗୀତା ଅଧ୍ୟାୟ ୮ ର ଶ୍ଳୋକ ନଂ ୮-୯-୧୦ ରେ ନିଜଠାରୁ ଭିନ୍ନ ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ପରମ ଅକ୍ଷର ପୁରୁଷ/ ସଚ୍ଚିଦାନନ୍ଦ ଘନ ବ୍ରହ୍ମ ଅର୍ଥାତ୍ ଦିବ୍ୟ ପରମ ପୁରୁଷ (ପରମେଶ୍ୱର)ଙ୍କର ଭକ୍ତି କରିବା ପାଇଁ କହିଛନ୍ତି। ଗୀତା ଅଧ୍ୟାୟ ୮, ଶ୍ଳୋକ ୯ ରେ ତାଙ୍କୁ ହିଁ (ପରମ ପୁରୁଷ) ସମସ୍ତଙ୍କର ଧାରଣ-ପୋଷଣକାରୀ କହିଛନ୍ତି। ସେହିପରି ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ ରେ ମଧ୍ୟ ନିଜଠାରୁ ଭିନ୍ନ ପରମ ଅକ୍ଷର ପୁରୁଷଙ୍କୁ ପୁରୁଷୋତ୍ତମ କହିଛନ୍ତି। ତାଙ୍କୁ ହିଁ ସମସ୍ତଙ୍କର ଧାରଣ-ପୋଷଣକାରୀ ଅବିନାଶୀ କହିଛନ୍ତି। ତା'ପରେ ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୮ରେ ନିଜର ସ୍ଥିତି ସମ୍ପର୍କରେ କହିଛନ୍ତି ଯେ, ମୁଁ ତ ଲୋକବେଦ (ପ୍ରଚଳିତ ଗଳ୍ପକଥାର) ଆଧାରରେ ପୁରୁଷୋତ୍ତମ ପ୍ରସିଦ୍ଧ। {ବାସ୍ତବରେ ପୁରୁଷୋତ୍ତମଙ୍କ ବିଷୟରେ ତ ଉପରେ ଗୀତା ଅଧ୍ୟାୟ ୧୫, ଶ୍ଳୋକ ୧୭ରେ କୁହାଯାଇଛି।}

କିଛି ବ୍ୟକ୍ତି ୧୮ ନଂ ଶ୍ଳୋକକୁ ପଢ଼ି କୁହନ୍ତି ଯେ, ଦେଖନ୍ତୁ! ଗୀତା ଜ୍ଞାନଦାତା ନିଜକୁ ପୁରୁଷୋତ୍ତମ ବୋଲି କହିଛନ୍ତି। ଏହାଙ୍କ ବ୍ୟତୀତ ଅନ୍ୟ କେହି ପୁରୁଷୋତ୍ତମ ନାହାଁନ୍ତି। ତାଙ୍କର ଏହି ମୂର୍ଖ ଚିନ୍ତାଧାରାର ଉତ୍ତର ଉପରେ ସ୍ପଷ୍ଟ କରି ଦିଆଯାଇଛି।

ପ୍ରଶ୍ନ :- ଶାସ୍ତ୍ରରେ କେଉଁ ଭକ୍ତି କର୍ମ (କର୍ତ୍ତବ୍ୟ) କରିବାର ଯୋଗ୍ୟ ଏବଂ କେଉଁ କର୍ମ (ଅକର୍ତ୍ତବ୍ୟ) କରିବା ଯୋଗ୍ୟ ନୁହେଁ ବୋଲି କୁହାଯାଇଛି ?

ଉତ୍ତର :- ଶ୍ରୀମଦ୍ ଭଗବତ୍ ଗୀତା ଅଧ୍ୟାୟ ୮, ଶ୍ଳୋକ ୧୩ରେ ଗୀତା ଜ୍ଞାନଦାତା ପ୍ରଭୁ ନିଜର ଭକ୍ତି/ପୂଜା ପାଇଁ କେବଳ ଏକ ଅକ୍ଷର ଓଁ (ଓମ୍) ସ୍ମରଣ କରିବାକୁ କହିଛନ୍ତି। ଏହାଛଡ଼ା ଅନ୍ୟ ନାମ (ଅକର୍ତ୍ତବ୍ୟ)ଜପ ନ କରିବାକୁ କୁହାଯାଇଛି।

ଗୀତା ଅଧ୍ୟାୟ ୩, ଶ୍ଳୋକ ୧୦-୧୫ ରେ ଯଜ୍ଞ କର୍ମକୁ (କର୍ତ୍ତବ୍ୟ) କରିବା ଯୋଗ୍ୟ ଭକ୍ତି କର୍ମ ବୋଲି କୁହାଯାଇଛି। ଆଉ ସେଥିରେ ପରମ ଅକ୍ଷର ବ୍ରହ୍ମ ଅର୍ଥାତ୍ ଅବିନାଶୀ ପରମାତ୍ମାଙ୍କୁ ଇଷ୍ଟ ରୂପରେ ପ୍ରତିଷ୍ଠିତ କରିବାକୁ କୁହାଯାଇଛି।

- ଯଜ୍ଞ ପାଞ୍ଚ ପ୍ରକାରର :- ୧. ଧର୍ମ ଯଜ୍ଞ ୨. ଧ୍ୟାନ ଯଜ୍ଞ ୩.ଜ୍ୟୋତି ଯଜ୍ଞ ୪. ପ୍ରଣାମ ଯଜ୍ଞ ୫. ଜ୍ଞାନ ଯଜ୍ଞ।

ଏଗୁଡ଼ିକ କରିବାର ବିଧି ବିଷୟରେ ତତ୍ତ୍ୱଦର୍ଶୀ ସନ୍ଥ ହିଁ କହିଥାନ୍ତି। ଏହାର ପ୍ରମାଣ ଗୀତା ଅଧ୍ୟାୟ ୪, ଶ୍ଳୋକ ୩୨-୩୩-୩୪ ରେ ମଧ୍ୟ ଅଛି। କୁହାଯାଇଛି ଯେ ସଚ୍ଚିଦାନନ୍ଦ ଘନ ବ୍ରହ୍ମ ନିଜ ମୁଖ କମଳରେ ବାଣୀ ଉଚ୍ଚାରଣ କରି ତତ୍ତ୍ୱଜ୍ଞାନ କହିଥାନ୍ତି ଯାହା ବଳରେ ପୂର୍ଣ୍ଣ ମୋକ୍ଷ ମିଳିଥାଏ। ତାହା ଜାଣି ତୁ ସର୍ବ କର୍ମ ବନ୍ଧନରୁ ସବୁଦିନ ପାଇଁ ମୁକ୍ତ ହୋଇଯିବୁ। (ଗୀତା ଅଧ୍ୟାୟ ୪, ଶ୍ଳୋକ ୩୨)

ଗୀତା ଅଧ୍ୟାୟ ୪, ଶ୍ଳୋକ ୩୩ :- ହେ ପରଂତପ ଅର୍ଜୁନ! ଦ୍ରବ୍ୟମୟ (ଅର୍ଥ ବ୍ୟୟ କରି କରାଯାଉଥିବା) ଯଜ୍ଞ ଅପେକ୍ଷା ଜ୍ଞାନ ଯଜ୍ଞ ଅର୍ଥାତ୍ ତତ୍ତ୍ୱଦର୍ଶୀ ସନ୍ଥଙ୍କ ସତସଙ୍ଗ ଶୁଣିବା ଅଧିକ ଶ୍ରେଷ୍ଠ। କାହିଁକି ନା ତତ୍ତ୍ୱଦର୍ଶୀ ସନ୍ଥ ଧର୍ମ-କର୍ମ ଏବଂ ଜପ ଇତ୍ୟାଦି କରିବାର ଶାସ୍ତ୍ରୋକ୍ତ ବିଧି ବିଷୟରେ କହିଥାନ୍ତି। ଯେପରି ଜ୍ଞାନ ନଥାଇ କର୍ଣ୍ଣ (ଷଷ୍ଠ ପାଣ୍ଡବ) କେବଳ ସ୍ୱର୍ଣ୍ଣ (Gold) ହିଁ ଦାନ କରିଥିଲେ। ତା'ର ପ୍ରତିଫଳ ସ୍ୱରୂପ ତାଙ୍କୁ ସ୍ୱର୍ଗର ସ୍ୱର୍ଣ୍ଣ (Gold) ର ପର୍ବତ ଉପରେ ଛାଡ଼ି ଦିଆଗଲା। ଯେତେବେଳେ ତାଙ୍କୁ ଭୋକ ଲାଗିଲା, ସେ ଖାଦ୍ୟ ମାଗିଥିଲେ। ତାଙ୍କୁ କୁହାଯାଇଥିଲା ଯେ ଆପଣ ଅନ୍ନଦାନ (ଧର୍ମ ଯଜ୍ଞ) କରି ନାହାଁନ୍ତି। କେବଳ ସୁନା ଦାନ କରିଛନ୍ତି। ସେଥିପାଇଁ ଖାଦ୍ୟ

ମିଳିବ ନାହିଁ। ଯଦି ତତ୍ତ୍ୱଦର୍ଶୀ ସନ୍ଥ ମିଳି ଯାଇଥାନ୍ତେ ତେବେ କର୍ଣ୍ଣ ପାଞ୍ଚ ଯଜ୍ଞ ସମ୍ପୂର୍ଣ୍ଣ କରି ମୋକ୍ଷ ପାଇଥାନ୍ତେ। ଏହି କାରଣରୁ ଗୀତା ଅଧ୍ୟାୟ ୪, ଶ୍ଲୋକ ୩୩ରେ କୁହାଯାଇଛି ଯେ, ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନ ଯଜ୍ଞ ଶ୍ରେଷ୍ଠ ଅର୍ଥାତ୍ (ଜ୍ଞାନ ଯଜ୍ଞ) ତତ୍ତ୍ୱଦର୍ଶୀ ସନ୍ଥଙ୍କ ଠାରୁ ଜ୍ଞାନ ଶୁଣିବା ଦ୍ୱାରା ଜଣା ପଡ଼ିଥାଏ ଯେ, କେଉଁ ଭକ୍ତି କର୍ମ ଶାସ୍ତ୍ରବିଧି ସମ୍ମତ ?

ଗୀତା ଅଧ୍ୟାୟ ୪, ଶ୍ଲୋକ ୩୪ରେ କୁହାଯାଇଛି ଯେ ସେହି ତତ୍ତ୍ୱଜ୍ଞାନ ଯାହା ସଚ୍ଚିଦାନନ୍ଦ ଘନ ପରମାତ୍ମା ନିଜ ମୁଖ କମଳରେ ବାଣୀ ଉଚ୍ଚାରଣ କରି ବର୍ଣ୍ଣନା କରିଥାନ୍ତି, ସେହି ବାଣୀ ହେଉଛି ତତ୍ତ୍ୱଜ୍ଞାନ। ସେହି ତତ୍ତ୍ୱଜ୍ଞାନକୁ ଜାଣିବା ପାଇଁ ତତ୍ତ୍ୱଦର୍ଶୀ ସନ୍ଥଙ୍କ ପାଖକୁ ଯାଅ। ତାଙ୍କୁ ଭଲଭାବରେ ଦଣ୍ଡବତ ପ୍ରଣାମ କରି, ତାଙ୍କର ସେବା କରି ଏବଂ ଛଳ-କପଟତା ଛାଡ଼ି ସରଳତା ପୂର୍ବକ ପ୍ରଶ୍ନ କଲେ, ପରମାତ୍ମାଙ୍କ ତତ୍ତ୍ୱକୁ ଜାଣିଥିବା ସେହି ଜ୍ଞାନୀ ମହାତ୍ମା ତୁମକୁ ସେହି ତତ୍ତ୍ୱଜ୍ଞାନର ଉପଦେଶ ଦେବେ।

ସେହି ତତ୍ତ୍ୱଜ୍ଞାନ ମୋ (ଲେଖକ-ରାମପାଲ ଦାସଙ୍କ) ପାଖରେ ଅଛି, ସୂକ୍ଷ୍ମ ବେଦ (ସ୍ୱସମବେଦ)ରେ ସ୍ୱୟଂ ସଚ୍ଚିଦାନନ୍ଦ ଘନ ବ୍ରହ୍ମ କବୀରଜୀ ନିଜ ମୁଖ କମଳରେ ବାଣୀ ଉଚ୍ଚାରଣ କରି ଅର୍ଥାତ୍ କବୀର ବାଣୀ ମାଧ୍ୟମରେ ତାହା କହିଛନ୍ତି, ଯାହା ଧର୍ମଦାସଜୀ (ବାନ୍ଧବଗଢ ନିବାସୀ)ଙ୍କ ଦ୍ୱାରା ଲେଖାଯାଇଛି। ପୁଣି ପରମେଶ୍ୱର କବୀରଜୀ ନିଜର ପ୍ରିୟ ଆତ୍ମା ସନ୍ଥ ଗରୀବଦାସଜୀଙ୍କୁ ସେହି ଜ୍ଞାନ ଜଣାଇଥିଲେ ଏବଂ ନିଜର ସତ୍ୟଲୋକ ଦେଖାଇଥିଲେ। ତା'ପରେ ସନ୍ଥ ଗରୀବଦାସଜୀ ନିଜ ଆଖିରେ ଦେଖିଥିବା କବୀରଜୀଙ୍କର ମହିମା ଗାନ କରିଛନ୍ତି। ସୂକ୍ଷ୍ମବେଦରେ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ଅଛି। ଚାରି ବେଦ (ଋଗବେଦ, ଯର୍ଯୁବେଦ, ସାମବେଦ ଏବଂ ଅଥର୍ବବେଦ)ର ଜ୍ଞାନ ସୂକ୍ଷ୍ମ ବେଦରୁ ନିଆଯାଇଛି। କିନ୍ତୁ ଅଧିକ ଜ୍ଞାନ ଛାଡ଼ି ଦିଆଯାଇଛି। ଏହାକୁ ପୂର୍ଣ୍ଣ କରିବା ପାଇଁ ପରମେଶ୍ୱର ସ୍ୱୟଂ ପୃଥିବୀକୁ ଆସିଥିଲେ ଏବଂ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜ୍ଞାନ ବିଷୟରେ କହିଥିଲେ।

➢ ସମ୍ପୂର୍ଣ୍ଣ ତଥା ଅଧିକ ତଥ୍ୟ ପାଇଁ ହିନ୍ଦୁଭାଇମାନେ କୃପାକରି ପଢ଼ନ୍ତୁ ପୁସ୍ତକ "ଗୀତା ତୋ'ର ଜ୍ଞାନ ଅମୃତ" (ସନ୍ଥ ରାମପାଲ ଦାସଜୀ ମହାରାଜଙ୍କ (ସତ୍‌ଲୋକ ଆଶ୍ରମ ବରୱାଲା) ଦ୍ୱାରା ଲିଖିତ। ଯାହାର ମୂଲ୍ୟ ମାତ୍ର ୨୦/- ଟଙ୍କା । ଯଦି ଆପଣ ମାଗଣାରେ ଏହି ପୁସ୍ତକ ଅର୍ଡ଼ର କରିବାକୁ ଚାହୁଁଛନ୍ତି, ଦୟାକରି ନିମ୍ନରେ ଦିଆଯାଇଥିବା ନମ୍ବରରେ ଆପଣଙ୍କର ସମ୍ପୂର୍ଣ୍ଣ ନାମ ଏବଂ ଠିକଣା ନିମ୍ନରେ ଦିଆଯାଇଥିବା ନମ୍ବରରେ SMS କିମ୍ବା Whatsapp କରନ୍ତୁ। ଏହି ପୁସ୍ତକଟି ସମ୍ପୂର୍ଣ୍ଣ ମାଗଣାରେ ଦିଆଯିବ। ଡାକ ଖର୍ଚ୍ଚ ବି ଆପଣଙ୍କୁ ଦେବାକୁ ପଡିବ ନାହିଁ। ଅନ୍ୟ ପୁସ୍ତକଗୁଡ଼ିକ ହେଲା ଜ୍ଞାନ ଗଙ୍ଗା, ଜୀବନର ମାର୍ଗ, ଅନ୍ଧ ଶ୍ରଦ୍ଧାଭକ୍ତି ଖତରା-ଏ-ଜାନ ମଧ୍ୟ ଆପଣ SMS କିମ୍ବା Whatsapp ମାଧ୍ୟମରେ ମାଗଣାରେ ଅର୍ଡର କରିପାରିବେ। ଏହା ବ୍ୟତୀତ ଉପରୋକ୍ତ ଏବଂ ଅନ୍ୟାନ୍ୟ ପୁସ୍ତକ ଆମ WEBSITE କିମ୍ବା ସନ୍ଥ ରାମପାଲଜୀ ମହାରାଜ ଏପ୍‌ରୁ ମାଗଣାରେ ଡାଉନଲୋଡ୍ କରିପାରିବେ। ଆମର ୱେବସାଇଟ୍ : www.jagatgururampalji.org.

ସତ୍‌ସଙ୍ଗ ଶ୍ରବଣ ପାଇଁ Youtube ରେ ସର୍ଚ୍ଚ କରନ୍ତୁ "Sant Rampal Ji Maharaj Channel"

SMS କିମ୍ବା Whatsapp କରିବା ପାଇଁ ଆମର ଯୋଗାଯୋଗ ନମ୍ବର : **7496801825**